- Jyotirao and Savitribai Phule worked tirelessly for the upliftment of lower castes and women.

These reformers represent modern heritage because they laid the foundation of progressive values, rational thought, and social justice in Indian society. Their work continues to inspire contemporary movements for equality and reform.

**3. Nationalist Movements and Symbols of Freedom**

The freedom struggle is the most powerful component of modern Indian heritage. It produced leaders, symbols, institutions, and ideologies that remain central to Indian identity.

- Mahatma Gandhi's philosophy of Ahimsa and Satyagraha is perhaps the greatest gift of modern India to the world. His spinning wheel (charkha) and khadi cloth became symbols of self-reliance and resistance to colonial exploitation. Today, khadi remains a proud emblem of Indian heritage.
- The Indian National Congress, founded in 1885, became a platform for democratic expression. Its debates and resolutions shaped the principles of representative governance.
- The Swadeshi Movement (1905) promoted indigenous industries, crafts, and goods, reviving pride in local heritage.
- Revolutionary leaders like Bhagat Singh, Subhas

Chandra Bose, and Chandrashekhar Azad added another dimension by infusing the freedom movement with courage and sacrifice.

Monuments like JallianwalaBagh, the Cellular Jail in Andaman, and memorials of freedom fighters are preserved today as heritage sites, reminding future generations of the sacrifices made for independence.

**4. Modern Architecture and Urban Heritage**

Modern Indian heritage is also reflected in architecture. Colonial-era buildings such as the Victoria Memorial in Kolkata, Gateway of India in Mumbai, Rashtrapati Bhavan in New Delhi, and High Courts across states combine Western styles with Indian motifs. These structures, though built under foreign rule, are now integral parts of India's urban heritage.

Post-independence, modern architecture flourished under leaders like Jawaharlal Nehru, who invited architects like Le Corbusier to design Chandigarh — a symbol of modern urban planning. Institutions such as the IITs, AIIMS, and Parliament House extensions represent India's modern architectural and intellectual heritage.

**5. Literature, Arts, and Modern Indian Identity**

The 19th and 20th centuries witnessed a cultural renaissance. Writers, poets, and artists began blending tradition with modernity, producing works that shaped the intellectual heritage of modern India.

- Rabindranath Tagore, the first Asian Nobel Laureate, embodied modern Indian thought through his poetry, music (Rabindra Sangeet), and educational experiments at Shantiniketan. His song "Jana Gana Mana" became India's national anthem.
- Bankim Chandra Chatterjee's "Vande Mataram" became a national song of freedom.
- Novelists like Munshi Premchand depicted social realities in Hindi and Urdu literature, while dramatists like Girish Chandra Ghosh revived theatre.
- Painters like Raja Ravi Varma fused Indian themes with Western techniques, making classical mythology accessible to the common people. Later, modern artists like M.F. Husain, Amrita Sher-Gil, and S.H. Raza added a contemporary dimension to India's artistic heritage.

Indian cinema, beginning with Dadasaheb Phalke's Raja Harishchandra (1913), grew into one of the world's largest film industries. Cinema is now a vibrant part of modern Indian heritage, influencing fashion, language, and social consciousness.

**6. Scientific, Educational, and Intellectual Heritage**

The modern period also saw India's emergence in science and education. Reformers like Mahatma JyotibaPhule and Sir Syed Ahmed Khan founded schools and colleges that opened new horizons.

During the freedom struggle, leaders emphasized scientific temper and modern education. C.V. Raman, Satyendra Nath Bose, Homi J. Bhabha, and Vikram Sarabhai contributed to physics, space, and atomic research, creating a modern scientific heritage. Institutions like IITs, ISRO, and BARC are not just centers of learning but symbols of India's modern identity.

**7. Post-Independence Heritage**

Since 1947, modern heritage has been shaped by democracy, secularism, and development. The Indian Constitution, adopted in 1950, is one of the finest documents of modern heritage. It enshrines principles of justice, liberty, equality, and fraternity, blending ancient values with modern ideals.

National monuments like India Gate, Raj

Ghat, Shanti Stupa, and Statue of Unity reflect both memory and aspiration. Festivals like Republic Day and Independence Day celebrations have become cultural rituals of modern India.

Modern Indian heritage also includes achievements in sports (Olympic medals, cricket victories), technology (IT revolution, Digital India), and diplomacy (Non-Aligned Movement, G20 leadership). These are contemporary legacies that will inspire future generations.

**8. Challenges and Preservation of Modern Heritage**

Despite its richness, modern Indian heritage faces threats from urbanization, neglect, commercialization, and political misuse. Many colonial buildings are deteriorating, freedom fighter memorials are under-maintained, and indigenous crafts struggle to survive in a globalized economy.

The Archaeological Survey of India (ASI), UNESCO, and various NGOs are working to preserve both ancient and modern heritage. Yet, awareness among citizens is crucial. Schools, universities, and media must promote the understanding that heritage is not just about the past but also about preserving values and symbols for the future.

**Conclusion**

Modern Indian heritage is a story of resilience, renewal, and reinvention. It reflects how India, while facing colonial subjugation, rediscovered its strengths, fought for freedom, and built a democratic, diverse, and progressive nation. From Gandhi's spinning wheel to the Constitution of India, from Tagore's poetry to Nehru's vision of modern science, from colonial architecture to Bollywood cinema, modern Indian heritage is a vibrant continuation of the ancient spirit in a new form.

It is both a legacy and a responsibility. Preserving it is not about idolizing the past, but about drawing strength for the future. In this sense, modern Indian heritage is not frozen in museums or monuments; it is alive in our democratic institutions, in our arts, in our social movements, and in the everyday aspirations of millions of Indians.

Balasore

(Acknowledgements : Aditi Bharadwaj & Ranvijay Bharadwaj)

INTACH

With Best wishes from

**Shri Jasoda Nandan Ash**

*Social Worker, Heritage Activist*

*&*

*Life Member INTACH*



INTACH

With Best wishes from

**CA Dr. Matrudutta Das**

Life Member INTACH,

**Miss Aditi Bharadwaj & Master Ranvijay Bharadwaj**

Heritage Lovers & Activists



# ଶିଳାଲେଖର ଭାଷା କଥା

**ଡକ୍ଟର ଦେବାଶିଷ ମହାପାତ୍ର**

ଭାରତର ଷଷ୍ଠ ଶାସ୍ତ୍ରୀୟ ଭାଷାର ଗୌରବ ପାଇଥିବା ତଥା ଭାଷା ଆଧାରେର ଭୌଗଳିକ ଭୂଖଣ୍ଡ ହୋଇଥିବା ଆମ ଓଡ଼ିଆ ଭାଷାର ପ୍ରାଚୀନତା, ସାରା ଭାରତରେ ଗେବଷକମାନଙ୍କୁ ଆକୃଷ୍ଟ କରି ଆସିଛି। ଏହି ପ୍ରାଚୀନତା ଆଧାରରେ ଆମ ଭାଷାକୁ ମିଳିଛି ଶାସ୍ତ୍ରୀୟ ଭାଷାର ମାନ୍ୟତା। ତାମିଲ୍, ସଂସ୍କୃତ, କନ୍ନଡ଼, ତେଲୁଗୁ ଓ ମାଲୟାଲାମ୍ ଭାଷା ପରି ଓଡ଼ିଆ ଭାଷାକୁ ଏହି ଗୌରବ ମିଳିଛି। ପୋଥିରେ ଆମ ଭାଷାର ସ୍ୱାକ୍ଷର, ପଥରରେ ଆମ ଭାଷାର ଅକ୍ଷର। ତାମ୍ରପତ୍ର, ସନନ୍ଦ, ପାହାଡ଼ ଗୁମ୍ଫା, ମନ୍ଦିର, ସ୍ତମ୍ଭ, ଶିଳାଲେଖରେ ଆମ ଲିପି, ଆମ ଭାଷାର କ୍ରମବିକାଶ ଦେଖିଲେ ଆମେ ଯେ କେତ ହଜାର ବର୍ଷର ପୁରୁଣା ଲିପି ଓ ଭାଷାର ଦାୟାଦ ସେକଥା ଉପଲବ୍ଧି କରୁ। ମାଧବ ବର୍ମାଙ୍କ ସନନ୍ଦ ହେଉ କି ଉରଜାମ ଶିଳାଲେଖ, ଶ୍ରୀଜଙ୍ଗ ଶିଳଲେଖ ହେଉ କି ଜୟବିଜୟ ଶିଳାଲେଖ ସବୁଠି ଆମ ଭାଷାର ପ୍ରାଚୀନତାର ପ୍ରମାଣ। ଅନଙ୍ଗ ଭୀମଦେବ ତୃତୀୟ, ଚନ୍ଦ୍ରିକା ଦେବୀ, ଅଚ୍ୟୁତ ବଳିୟାର ସିଂହ, ନରସିଂହ ଦେବ, ମାଧବ ବର୍ମା, ଶିବରାଜ, ପୁରୁଷୋତ୍ତମ ଦେବ, କପିଳେଶ୍ୱର ଦେବ, ଶ୍ରୀ ବିଚିତ୍ର ଭାନୁଦେବ, ଶୁଭଙ୍କର ଦେବ, ଖାରବେଳ, ଅଶୋକଙ୍କ ସମୟର ଯେତେ ସବୁ ଅଭିଲେଖ ଆମ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଆବିଷ୍କୃତ ହୋଇଛି, ସେବସୁର ପାଠୋଦ୍ଧାର ହୋଇଛି, ସତରେ ଖୁବ୍ ଉତ୍ସାହପ୍ରଦ। ଏକାଦଶ ଶତାବ୍ଦୀର ଗଣ୍ଡିବେଡ଼ ଅଭିଲେଖ, ଦଶମ ଶତାବ୍ଦୀର ମହାରାଜା ଉଦୟ ଖେଡ଼ିଙ୍କ ଗଞ୍ଜାମ ସନନ୍ଦ, ୧୦୨୩ ରୁ ୧୦୩୦ ମଧ୍ୟରେ ଲିଖିତ ସୋମବଂଶୀ ଇନ୍ଦ୍ରନାଥଙ୍କ ବାଣପୁର ତାମ୍ରପଟା ଓ ଗଙ୍ଗବଂଶ ଶାସନକାଳୀନ ଅଭିଲେଖ ଆମକୁ ଅନେକ କଥା କହେ। ସତ୍ୟନାରାୟଣ ରାଜଗୁରୁ, ପରମାନନ୍ଦ ଆଚାର୍ଯ୍ୟ, କୃଷ୍ଣଚନ୍ଦ୍ର ପାଣିଗ୍ରାହୀ, କେଦାରନାଥ ମହାପାତ୍ର, କୁଞ୍ଜବିହାରୀ ତ୍ରିପାଠୀ, ମନେମାହନ ଚକ୍ରବର୍ତ୍ତୀ, ଦୀନେଶ ଚନ୍ଦ୍ର ସରକାର ଓ ସ୍ନିଗ୍ଧା ତ୍ରିପାଠୀ ପ୍ରମୁଖ ବହୁ ଐତିହାସିକ, ପ୍ରତ୍ନତତ୍ତ୍ୱବିତ୍ ଆମ ଲିପି ଓ ଭାଷାର କ୍ରମବିକାଶ କଥା ଖୁବ୍ ସୁନ୍ଦର ଭାବେ ବିଶ୍ଲେଷଣ କରି ଏଯାବତ୍ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ମିଳିଥିବା ଅଭିଲେଖଗୁଡ଼ିକର ଅନୁଶୀଳନ କରିଛନ୍ତି। ଆମ ଅଭିଲେଖରେ ଆମ ଭାଷାର ପ୍ରାଚୀନତା ସ୍ପଷ୍ଟ। ପତ୍ନ ଓଡ଼ିଆଠୁ ଆଧୁନିକ ଓଡ଼ିଆ ପର୍ଯ୍ୟନ୍ତ ଆମ ଭାଷାର ଗତିଶୀଳତା ଗବେଷକମାନଙ୍କୁ ଉତ୍ସାହିତ କରିଆସିଛି। ଅଭିଲେଖର ଭାଷାକୁ ଅନୁଶୀଳନ କଲେ ଏହା ପ୍ରାଚୀନ, ସମୃଦ୍ଧ, ସ୍ୱତନ୍ତ୍ର ଭାଷା ଭାବେ ପ୍ରତିଷ୍ଠିତ। ଆମ ଓଡ଼ିଆ ଭାଷାର ମହକ ଓ ମିଠାପଣକୁ ଆମ ଆଗରେ ଉପସ୍ଥାପନ କରିବା ଭଳି ଅନୁଭବ ହୁଏ। ପୋଥି, ପଥର, ପ୍ରତ୍ନତତ୍ତ୍ୱର ସାଇତା ସଂପଦ, ଆମ ଓଡ଼ିଆ ଭାଷା। ଅଭିଲେଖର ଅଲିଭା ଅକ୍ଷରରେ ଆମ ଭାଷାର ପ୍ରାଚୀନତାର ପ୍ରମାଣ ଖୋଦିତ ହୋଇରହିଛି। ଓଡ଼ିଆ ଭାଷାରେ ଆବିଷ୍କୃତ ଶିଳାଲେଖ, ସନନ୍ଦରେ ସାଇତି ହୋଇ ରହିଥିବା ବର୍ଣ୍ଣ ଓ ଶବ୍ଦ ଦେଖିଲେ ବିସ୍ମିତ ହେବାକୁ ହୁଏ। ଏତେ ପ୍ରାଚୀନ, ଏଭଳି ସମୃଦ୍ଧ ଭାଷା କିଭଳି କ୍ରମବିକଶିତ ହୋଇଛି ତାହା ବାସ୍ତବିକ୍ ଅବର୍ଣ୍ଣନୀୟ। ଅନେକ ଶିଳାଲେଖ ଆମ ଲିପି ଓ ଭାଷାର ଅନନ୍ୟ ସ୍ୱାକ୍ଷର। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କ ଧଉଳି ଓ ଜଉଗଡ଼ ଶିଳାଲେଖଠାରୁ ଆରମ୍ଭକରି ଖ୍ରୀଷ୍ଟାବ୍ଦ ୧୦୫୧ର ପ୍ରଥମ ପୂର୍ଣ୍ଣାଙ୍ଗ ଓଡ଼ିଆ ଶିଳାଲେଖ ଉରଜାମ ପର୍ଯ୍ୟନ୍ତ ଅନୁଶୀଳନ କଲେ ବ୍ରାହ୍ମୀଲିପିରୁ ଓଡ଼ିଆ ଲିପିର କ୍ରମବିକାଶ ସହ ଭାଷାର ପ୍ରବାହ ଓ ଗତିଶୀଳତାକୁ ଲକ୍ଷ୍ୟ କରାଯାଇପାରେ। ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର ଖାରବେଳଙ୍କ ଉଦୟଗିରି ହାତୀଗୁମ୍ଫା ଅଭିଲେଖ, ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ରଣଭଦ୍ରଙ୍କ ଅଭିଲେଖ, ଖ୍ରୀଷ୍ଟାବ୍ଦ ୫୭୦ର ଶୈଳୋଦ୍ଭବ ବଂଶୀୟ ଧର୍ମରାଜଙ୍କ ସୁମଣ୍ଡଳ ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୬ଶହର ଭୋଜବିଗ୍ରହଙ୍କ କଣାସ ତାମ୍ର ଶାସନ, ଖ୍ରୀଷ୍ଟାବ୍ଦ ୬୦୨ର ଶିବରାଜଙ୍କ ପଟିଆ କିଲ୍ଲା ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୬୨୦ର ମାଧବବର୍ମାଙ୍କ ଗଞ୍ଜାମ ତାମ୍ରଶାସନ, ଖ୍ରୀଷ୍ଟାବ୍ଦ ୧୦୫୧ର ଉରଜାମ ଅଭିଲେଖ, ଖ୍ରୀଷ୍ଟାବ୍ଦ ୧୨୬୧ର ଭୁବନେଶ୍ୱର ଦ୍ୱିଭାଷିକ ଅଭିଲେଖ, ଖ୍ରୀଷ୍ଟାବ୍ଦ ୧୪୦୩ର ଶ୍ରୀକୂର୍ମେଶର ଅଭିଲେଖ ସମେତ ବାଲେଶ୍ୱର ଜିଲ୍ଲା ସୋର ଅନ୍ତର୍ଗତ ଗଣ୍ଡିବେଡ଼ ଗ୍ରାମରୁ ମିଳିଥିବା ଗୋଟିଏ ଜୈନ ମୂର୍ତ୍ତିର ପାଦତଳେ ଖୋଦିତ ଓଡ଼ିଆ ପଦ୍ୟ– "ଦେବ କହି ଭଗତି କରୁଣ, ଅଛନ୍ତି ଭୋ କୁମାର ସେଣ।" ଏହା ଆମ ଭାଷା, ଆମ ଲିପିର ଆଦ୍ୟ ପରିଚୟ। ଆମେ ଆମ ଅଭିଲେଖଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟୟନ କଲେ ବିସ୍ମିତ ହେବାକୁ ହୁଏ ଯେ, ଆମ ବର୍ଣ୍ଣମାଳାର ଅଣଚାଶଟି ବର୍ଣ୍ଣ ଅଧିକାଂଶ ଅଭିଲେଖରେ ଖୋଦିତ। ଖାଲି ସେତିକି ନୁହେଁ ଓଡ଼ିଆ ବିଭକ୍ତିର ଚିହ୍ନ ମଧ୍ୟ ଏସବୁରେ ସ୍ପଷ୍ଟ। ଅବଶ୍ୟ ଇ, ଈ, ଉ, ଊ, ସ, ଶ, ଷ ଏଭଳି ସ୍ୱାତନ୍ତ୍ରର ବ୍ୟବହାର ନ ହୋଇ ଏହାକୁ ସ୍ୱାଭାବିକ ଭାବେ ଲେଖାଯାଇଥିବା ଦେଖାଯାଏ। ପ୍ରାଚୀନ ଅଭିଲେଖ ଗୁଡ଼ିକରେ ପାଲି, ପ୍ରାକୃତ ଶବ୍ଦାବଳୀର ବହୁଳ ବ୍ୟବହାର ବି ଗୋଟିଏ ବଡ଼ ବୈଶିଷ୍ଟ୍ୟ।

ଖ୍ରୀଷ୍ଟାବ୍ଦ ତୃତୀୟ ଶତାବ୍ଦୀର ମହାରାଜ ରଣଭଦ୍ରଙ୍କ ଖୋଦିତ ଉଦ୍ରକ ଅନ୍ତର୍ଗତ ଭଦ୍ରକାଳୀ ଶିଳାଲେଖର ଦୃଷ୍ଟାନ୍ତ ଦିଆଯାଉ- ଅଗି (ଅଗ୍ନି), ଆର୍ଯ୍ୟ (ଆର୍ଯ୍ୟ), ବାପ (ବ୍ୟାପକ), ସିରି (ଶ୍ରୀ) ଇତ୍ୟାଦି। ଆମେ ୧୩୯୪ ଖ୍ରୀଷ୍ଟାବ୍ଦର ଶଙ୍କରାନନ୍ଦ ମଠ ତାମ୍ର ଶାସନକୁ ଅନୁଶୀଳନ କଲାବେଳ ଭିତର, ଭୂମି, ଶଏ, ବାଟ, ଦିନ, ଏକାଦଶୀ, ଆଉ, କୋଠ, ଭାଗ, ତିନିସ, ବାଇସି, କଲା, ମଠ, ମାତ୍ରା, ଆଦି ବହୁ ଓଡ଼ିଆ ଶବ୍ଦ ଦେଖୁ। ଯାହା ଆଲୋଚନା କରୁଥିଲେ ଶ, ଷ, ସ ଅଲଗା ନ ହୋଇ ଅନେକ ସମୟରେ ଏକ ଭାବେ ବ୍ୟବହାର ହୋଇଛି।

ଏଇ ଯେମିତି ଶଙ୍କରାନନ୍ଦ ମଠ ତାମ୍ରଶାସନର ଶଏ (ଶହେ), ତିନିସ (ତିନିଶହ), ବାଇସି (ବାଇଶି) ଇତ୍ୟାଦି। କୌତୂହଳର କଥା, ଏହି ତାମ୍ରଶାସନରେ ଆଉ ଠାଏ ସଏ (ଶହେ) ଲେଖାଯାଇଛି। ୧୨୭୮ ଖ୍ରୀଷ୍ଟାବ୍ଦର ଅନନ୍ତବାସୁଦେବ ମନ୍ଦିର ଶିଳାଲେଖ, ଭୁବନେଶ୍ୱରରେ ସମୁଦାୟ ୨୩ଟି ସଂସ୍କୃତ ଶ୍ଳୋକ ଥିବା କଥା ପାଠୋଦ୍ଧାରରୁ ଜଣାଯାଏ। ତେବେ ଏଥିରେ ତରତର, ସଙ୍ଗେ, ଧୁନି, ଲୋକ, କଳ, ମାଳ, କଣିକା, ପାତାଳ ପ୍ରଭୃତି ଓଡ଼ିଆ ଶବ୍ଦ ରହିଥିବା ବି ଦେଖାଯାଏ। ଅଭିଲେଖର ଆଲୋଚନା ବେଳେ ଭୁବନେଶ୍ୱରର ଉଦୟଗିରିରେ ଥିବା ଖାରବେଳଙ୍କ ହାତୀଗୁମ୍ଫା ପ୍ରଶସ୍ତି, ଯାହା ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀ ସମୟର, ସେହି ଶିଳାଲେଖରୁ ଉଦ୍ଧାର ହୋଇଥିବା ପ୍ରତ୍ନ ଓଡ଼ିଆ ଶବ୍ଦାବଳୀରୁ କିଛି ଶବ୍ଦ ଉଦ୍ଧାର କରିବା- ସିରି(ଶ୍ରୀ), ପନ୍ଦରସ (ପନ୍ଦର) ଲେଖେନନ (ଲକ୍ଷଣ), ଯୋବରାଜ (ଯୁବରାଜ), ପଛିମ (ପଶ୍ଚିମ), ବହୁଳଂ (ବହୁତ), ଅଠେମ (ଅଷ୍ଟେମ), ତପସି (ତପସ୍ୱୀ), ଅଠତିସାୟ (ଅଠତିରିଶ), ପବେତ (ପବର୍ତେ) ଆଦି ଶବ୍ଦ ସହ ସୁଭ (ଶୁଭ), ସିତଳ (ଶୀତଳ), ଜଗ, ନର, ବାଟ, ବିଧି, ହିତ, କର, ବଣ, ବାହନ, ଘର, ଜୟ, ନଗରି (ନଗରୀ), ଦେହ, କାଳ, କୁଳ, ବଳ ଆଦି ଶବ୍ଦର ବ୍ୟବହାର ହୋଇଥିବା ଦେଖାଯାଏ। ବ୍ରାହ୍ମଣ ଶବ୍ଦପାଇଁ ଏହି ଶିଳାଲେଖର ବମ୍ଭଣାନଂ, କୁଶଳ ପାଇଁ କୁସେଳା, ପ୍ରବେଶ ପାଇଁ ପବେସ, ପୋଖରୀ ପାଇଁ ତଡ଼ାଗ, ନିବାସ ପାଇଁ ନିବେସିତଂ ଶବ୍ଦର ବ୍ୟବହାର ହୋଇଥିବା କଥା ଲିପିତତ୍ତ୍ୱବିତ୍ ଓ ଐତିହାସିକଗଣ ମତ ଦିଅନ୍ତି। ଖାରବେଳଙ୍କ ଖଣ୍ଡଗିରି-ଉଦୟଗିରିର ହାତୀଗୁମ୍ଫା ଶିଳାଲେଖ ଭଳି ଅଶୋକଙ୍କ ଧଉଳି-ଜଉଗଡ଼ ଶିଳାଲେଖ ପ୍ରସିଦ୍ଧ। ଆମ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ଦେବାରେ ଏହି ତିନୋଟି ଶିଳାଲେଖ ଉତ୍ସଭଳି ପ୍ରାମାଣିକ ନମୁନା। ଆମ ଲିପିର ପ୍ରାଚୀନତା ଏସବୁରେ ଖୋଦିତ। ପ୍ରାଚୀନତାର ପ୍ରମାଣ ପ୍ରଦର୍ଶନ କରୁଥିବା ଅଶୋକଙ୍କ ଧଉଳି-ଜଉଗଡ଼ ଶିଳାଲେଖର ଆଖି, ଇସା, କଳ, କିଟ, ତିନି, ଦେବୁ, ହସ, ନିଲଠା, ପୁଛିବି, ପଟିକା, ବୁଢ଼, ବାମନ, ମନିସ, ମାଝି, ମହାମାତର ବ୍ୟବହାର ଦେଖାଯାଏ। ଆମ ଅଭିଲେଖର ଭାଷାକଥା ବିଚାର କଲାବେଳ କେତୋଟି ନିର୍ଦ୍ଦିଷ୍ଟ ଶିଳାଲେଖର ସମୟ ବୈଶିଷ୍ଟ୍ୟ ବିଷୟ ଉପରେ ସାମାନ୍ୟ ଆଲୋକପାତ କରିବା- (୧) ଭୁବେନଶ୍ୱର ଶ୍ରୀଲିଙ୍ଗରାଜ ମନ୍ଦିର କାନ୍ଥରେ ୨୮ଢ ୧୯' ପରିମିତ ସ୍ଥାନରେ ନଅ ଧାଡ଼ିରେ ଲେଖାଥିବା କଥାର ପାଠୋଦ୍ଧାର ହୋଇଛି। ଏ ବିଷୟରେ ଭାରତବର୍ଷର ବିଖ୍ୟାତ ଲିପିତତ୍ତ୍ୱବିତ୍ ଦୀନେଶ ଚନ୍ଦ୍ର ସରକାର ଇଂରାଜୀରେ ଓ ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର, ଓଡ଼ିଆରେ ଅଲୋଚନା କରିଛନ୍ତି। ଶିଳାଲେଖଟିର ଭାଷା ସଂସ୍କୃତ, ଲିପି ନାଗରୀ ଓ ଏହା ବୈଶାଖ ମାସ କୃଷ୍ଣପକ୍ଷ ପ୍ରଥମ ଦିନ, ବୁଧବାରରେ ଲିଖିତ ଅନନ୍ତ ବର୍ମନ ଚୋଡ଼ଗଙ୍ଗଙ୍କ ଶାସନକାଳୀନ ଶିଳାଲେଖ। (୨) ଗୋପୀନାଥପୁର ଶିଳାଲେଖ, ଯାହାକି ପୁରୁଣା ଜଗନ୍ନାଥ ସଡ଼କରେ ଥିବା ଗୋପୀନାଥପୁର ଜଗନ୍ନାଥ ମନ୍ଦିର କାନ୍ଥରେ ଲେଖାଥିବା ସମୁଦାୟ ୩୦ଧାଡ଼ି ବିଶିଷ୍ଟ ଲେଖା, ଯାହାର ଲିପି ପ୍ରତ୍ନ ଓଡ଼ିଆ ଓ ଭାଷା ସଂସ୍କୃତ। ଏହା ଗଜପତି କପିଳେଶ୍ୱର ଦେବଙ୍କ ସମୟର ଶିଳାଲିପି। ଏ ବିଷୟେର ବାଗ୍ମୀ ବିଶ୍ୱନାଥ କର, 'ଉତ୍କଳ ସାହିତ୍ୟ'ର ସଂଖ୍ୟା ୯, ଭାଗ ୩ (ଆଶ୍ୱିନ, ୧୩୦୭ ସାଲ)ର 'ଗୋପୀନାଥପୁରର ଶିଳାଲିପି' ଲେଖାରେ ଆଲୋଚନା କରିଛନ୍ତି। (୩) ଶ୍ରୀଜଙ୍ଗ ଶିଳାଲେଖ, ଯାହା ଅଧୁନା ରାଜ୍ୟ ସଂଗ୍ରହାଳୟରେ ସଂରକ୍ଷିତ, ଏହାର ଭାଷା ଓ ଲିପି ଓଡ଼ିଆ, ୫୨ଢ ୧୧' ପରିମିତ ସ୍ଥାନରେ ସମୁଦାୟ ୪୧ଟି ଧାଡ଼ି ଲେଖାଯାଇଛି।

ଏହା ଗଜପତି ରାମଚନ୍ଦ୍ରେଦବଙ୍କ ଶାସନ କାଳୀନ ଶିଳାଲେଖ। ଏ ବିଷୟରେ ବଦେଶୀ ବିଦ୍ୱାନ୍ ଜନ୍ ବୀମ୍ସ ଓ ଭାରତବର୍ଷର ବିଖ୍ୟାତ ଲିପିତତ୍ତ୍ୱବିତ୍ ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ ଅଲୋଚନା କରିଛନ୍ତି। (୪) ମଧୁକେଶ୍ୱର ମନ୍ଦିର ଶିଳାଲେଖ, ମୁଖଲିଙ୍ଗମ୍‌ରେ ସମୁଦାୟ ୧୨ ଧାଡ଼ିର ଲେଖା, ଯାହାର ଲିପି ଓ ଭାଷା ତେଲୁଗୁ। ଶକାବ୍ଦ ୧୦୦୪ ର ଏହି ଶିଳାଲେଖ ଅନନ୍ତବର୍ମନ ଚୋଡ଼ଗଙ୍ଗ ଦେବଙ୍କ ଶାସନକାଳୀନ ଶିଳାଲେଖ। (୫) ଶକାବ୍ଦ ୧୧୮୨ର ସିଂହାଚଳମସ୍ଥିତ ଲକ୍ଷ୍ମୀ ନରସିଂହ ସ୍ୱାମୀ ମନ୍ଦିର ଶିଳାଲେଖଟି ଦ୍ୱିଭାଷୀ। ଏଥିରେ ସଂସ୍କୃତ ଓ ତେଲୁଗୁ ଭାଷାର

ବ୍ୟବହାର ହୋଇଛି। ତେବେ ଏହାର ଲିପି ତେଲୁଗୁ। ସମୁଦାୟ ୨୮ଟି ଧାଡ଼ିଥିବା ଏହି ଲେଖାଟି କୁମ୍ଭ (ଫାଲଗୁନ) କୃଷ୍ଣପକ୍ଷ ତୃତୀୟ ଦିନ, ଶୁକ୍ରବାରରେ ଲେଖା ହୋଇଥିଲା, ଏମିତି ଅନେକ ଶିଳାଲେଖ ଓ ସନନ୍ଦରେ ଆମ ଭାଷା, ଲିପିର ପ୍ରାଚୀନତାର ପ୍ରମାଣ ରହିଥିବା କଥା ଆମେ ଉଭୟ ଇଂରାଜୀ ଓ ଓଡ଼ିଆ ଭାଷାରେ ଲେଖାଥିବା ଅସଂଖ୍ୟ ଲେଖା ସହ ପାଠ ଉଦ୍ଧାର ହୋଇ ଆଲୋଚନା ହୋଇଥିବା ଗବେଷଣାମୂଳକ ରଚନାଗୁଡ଼ିକରେ ମଧ୍ୟ ସ୍ପଷ୍ଟ ସୂଚନା ରହିଛି। ଦେଶୀ ଓ ବିଦେଶୀ ବିଦ୍ୱାନ୍‌ମାନଙ୍କର ଏ ସମ୍ବନ୍ଧରେ ଗବେଷଣା ବିସ୍ମୟକର। ଦେଶର ବହୁ ବିଦ୍ୱାନ୍, ଲିପିତତ୍ତ୍ୱବିତ୍ ଏହିସବୁ ଶିଳାଲେଖ ଉପରେ ମତମନ୍ତବ୍ୟ ଦେଇଛନ୍ତି। ଓଡ଼ିଶାର ବିଶିଷ୍ଟ ଗେବଷକ ଡକ୍ଟର ବେଣୀମାଧବ ପାଢ଼ୀ ତାଙ୍କର ପ୍ରସିଦ୍ଧ ପୁସ୍ତକ 'ଓଡ଼ିଶାର ସାହିତ୍ୟ ସଂସ୍କୃତି ଓ ଧର୍ମଧାରା' ରେ ଯଥାର୍ଥରେ ଉଲ୍ଲେଖ କରିଛନ୍ତି ଯେ, "ଜନସାଧାରଣଙ୍କ ଗୋଚରାର୍ଥେ ଲିଖିତ ରାଜାଦେଶ ଓ ସରକାରୀ ଇସ୍ତାହାର ଦେଶୀୟ ଭାଷାରେ ଲେଖାହେବା ଯୁକ୍ତିସଙ୍ଗତ। ନଚେତ୍ ଅନୁଶାସନର ଅର୍ଥ ବୁଝି ରାଜାଦେଶ ପାଳନ କରିବାରେ ସେମାନେ ସମର୍ଥ ହୋଇନଥାନ୍ତେ।

ଅଶୋକଙ୍କ ଏକାଧିକ ଶିଳାଲିପି ଭାରତର ବିଭିନ୍ନ ପ୍ରାନ୍ତରରେ ଅବସ୍ଥାପିତ ହୋଇଥିଲା ଏବଂ ପ୍ରତ୍ୟେକର ଭାଷାରେ ବିଭିନ୍ନତା ପରିଲକ୍ଷିତ ହୁଏ। ଆଞ୍ଚଳିକ ବୈଷମ୍ୟ ନେଇ ଧଉଳି ଓ ଜଉଗଡ଼ର ଶିଳାଲିପି ଅଶୋକଙ୍କ କାଳରେ ପ୍ରଚଳିତ ଥିବା ଓଡ୍ରମାଗଧୀର ପରିଚୟ ପ୍ରଦାନ କରେ।" (ପୃଷ୍ଠା-୬) ଆମ ଅଭିଲେଖର ଅନୁଶୀଳନ ବେଳେ ବହୁ ବୈଶିଷ୍ଟ୍ୟ ନଜରକୁ ଆସିଥାଏ। ଯେମିତିକି ଅଧିକାଂଶ ଶିଳାଲେଖରେ 'ଅଙ୍କ' ଦେଖିବାକୁ ମିଳେ କେତେକ ଶିଳାଲେଖରେ 'ଶକାବ୍ଦ' ର ସୂଚନା ରହିଛି। କର୍ତ୍ତୃବାଚ୍ୟରେ ପ୍ରଥମା ବିଭକ୍ତିରେ ବହୁବଚନ ଭାବେ ମାନେ, ମାନଯାକ ଆଦି ବ୍ୟବହାର ହୋଇଥିବାବେଳ ସମ୍ମାନାର୍ଥେ ଏ' ମଧ୍ୟ ଏକବଚନରେ ବ୍ୟବହାର କରାଯାଇଛି- କପିଳେଶ୍ୱର ରାଜାଏ ଥିଲେ। ସେମିତି କର୍ମକାରକରେ- କୁ, ନ୍ତି, ସଂପ୍ରଦାନକାରକରେ କୁ, କି, କଇ, କୈ, କେ, ଙ୍କୁ, ଙ୍କୀ, ଙ୍କର, କରଣକାରକେର-ଏଁ, ଏ ଅପାଦାନକାରକରେ ତହୁଁ, ହୁଁ, ଉ, ଉଁ, ଠୋ, ରୁ, ରୁ, ଠାରୁ, ଷଷ୍ଠୀ ବିଭକ୍ତିରେ- ସ, ର, କୋ, ଙ୍କ, ଙ୍କର, ଙ୍କରି, ମାନର, ମାନଙ୍କର, ଅଧିକରଣକାରକରେ - ଏ, ଏଁ, ରେ, ମାନଙ୍କରେ, ଓ ସମ୍ବୋଧନ ପଦରେ ଭୋ ବ୍ୟବହାର ଦେଖାଯାଏ। ଆମ ଅଭିଲେଖଗୁଡ଼ିକରେ 'କୁ' ଅପେକ୍ଷା 'କୈ' ବା 'କଇ' ର ବ୍ୟବହାର ହୋଇଥିବା ଲକ୍ଷ୍ୟ କରାଯାଏ। ଭାରତର ପ୍ରଖ୍ୟାତ ଲିପିତତ୍ତ୍ୱବିତ୍ ଦୀନେଶ ଚନ୍ଦ୍ର ସରକାର, ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱବିତ୍ କେଦାରନାଥ ମହାପାତ୍ର, ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ, ପଦ୍ମଶ୍ରୀ ସତ୍ୟନାରାୟଣ ରାଜଗୁରୁ, ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ ପ୍ରମୁଖ ବହୁ ବିଦ୍ୱାନ୍ ଓଡ଼ିଆ ଅଭିଲେଖର ଭାଷା ବିଷୟରେ ଆଲୋଚନା କରି ଏହାର କ୍ରମବିକାଶ କଥା ସଦୃଷ୍ଟାନ୍ତ ବୁଝାଇଛନ୍ତି। ଗଞ୍ଜାମ, ଜଉଗଡ଼ର ୫୬୯-୭୦ର ଧର୍ମରାଜ ତାମ୍ରପତ୍ର, ବାଲେଶ୍ୱର, ସୋରର ଶାମଭୂଷଣ୍ଡ ତାମ୍ରପତ୍ର (ଆନୁମାନିକ ସମୟ ୫୭୯-୮୦), ପୁରୀ କଣାସର ୫୯୯ର ଭୋଜବିଗ୍ରହ ତାମ୍ରପତ୍ର, ଗଞ୍ଜାମର ୬୧୯-୨୦ର ମହାସାମନ୍ତ ମାଧବରାଜ ତାମ୍ରପତ୍ର ସମେତ ୧୦୫୧ରୁ ୧୫୬୮ ଖ୍ରୀଷ୍ଟାବ୍ଦ ମଧ୍ୟରେ ଗଙ୍ଗବଂଶ ଶାସନକାଳୀନ ୧୮ ଓ ସୂର୍ଯ୍ୟବଂଶ ଶାସନକାଳୀନ ୫୦ ଶିଳାଲେଖରେ ଆମ ଭାଷାର କ୍ରମବିକାଶ ଧାରାବାହିକ ଭାବେ କିଭଳି ହୋଇଛି ଏବଂ ଲିପି ଓ ଭାଷାର ଏହି ଉନ୍ମେଷ ଓ ବିକାଶ ଦେଖିଲେ ବିସ୍ମିତ ହେବାକୁ ହୁଏ। ଓଡ଼ିଆ ଅଭିଲେଖରେ ବ୍ୟବହାର ହୋଇଥିବା 'ପଛ' ଗୋଟିଏ ଦୃଷ୍ଟାନ୍ତ ଯାହାକି ଉଭୟ ପଛପଟ ଓ ପରେ, ଉଭୟ ଅର୍ଥରେ ବ୍ୟବହାର ହୋଇଛି। ଗଙ୍ଗବଂଶୀ ପଂଚମ ବଜ୍ରହସ୍ତଦେବ, ୧୦୭୦ ଖ୍ରୀଷ୍ଟାବ୍ଦରେ ମୁଖଲିଙ୍ଗ ଶିବମନ୍ଦିରରେ ଖୋଦିତ କରିଥିବା ଏକ ତ୍ରିଭାଷୀ ଶିଳାଲେଖରେ ସଂସ୍କୃତ ଓ ତେଲୁଗୁ ଭାଷା ସହ ଓଡ଼ିଆ ଗଦ୍ୟର ପ୍ରମାଣ ମିଳୁଥିବାବେଳେ ପ୍ରଥମ ନରସିଂହଦେବ, ୧୨୪୬ ଖ୍ରୀଷ୍ଟାବ୍ଦରେ କପିଳାସ ଦଧିନଉତି ଶିଳାଲେଖରେ ଦସ (ଦଶ), ସମର, କାରଣ, ରାଜା, ଗଜପ୍ତି(ଗଜପତି), ବିଜୟ, ନରକ, ତୁଳସୀ ଆଦି ଅନେକ ଓଡ଼ିଆ ଶବ୍ଦ ଖୋଦିତ କରିଛନ୍ତି। ସେହିଭଳି ଭୁବନେଶ୍ୱରର ଅନନ୍ତ ବାସୁଦେବ ମନ୍ଦିର ଶିଳାଲେଖ, ଯାହାକି ୧୨୭୮ ଖ୍ରୀଷ୍ଟାବ୍ଦରେ ଖୋଦିତ ହୋଇଥିଲା, ସେଥିରେ ଓଡ଼ିଆ ଶବ୍ଦ ଥିବା କଥା ଆମେ ଆଲୋଚନା କଲେ। ସୋମବଂଶୀ ଇନ୍ଦ୍ରରଥଙ୍କ ବାଣପୁର ତାମ୍ରଶାସନ, ଗଙ୍ଗବଂଶ କାଳୀନ ମେଘେଶ୍ୱର ମନ୍ଦିର ଶିଳାଲେଖ, ପ୍ରଥମ ଭାନୁଦେବଙ୍କ ଅମରେଶ୍ୱର ମନ୍ଦିର ଶିଳାଲେଖ, ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିର ମଧ୍ୟରେ ଥିବା ପାର୍ବତୀ ମନ୍ଦିର ଶିଳାଲେଖ ଆଦି ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆବିଷ୍କୃତ ଓ ପାଠୋଦ୍ଧାର ହୋଇଥିବା ଅଭିଲେଖଗୁଡ଼ିକର ଭାଷାତାତ୍ତ୍ୱିକ ଅଧ୍ୟୟନରୁ ସ୍ପଷ୍ଟ ହୁଏ ଯେ, ଆମ ଭାଷା ପ୍ରାଚୀନ ଓ ସମୃଦ୍ଧ ଭାଷା। ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକଙ୍କ ଧଉଳି ଓ

ଜଉଗଡ଼ ଶିଳାଲେଖଠାରୁ ଆରମ୍ଭ କରି ୧୦୫୧ର ଉର୍‌ଜାମ ଶିଳାଲେଖ ଓ ୧୫୬୮ର ଜୟବିଜୟ ଶିଳାଲେଖ ଓଡ଼ିଆ ଲିପି ଓ ଭାଷାର ବିକାଶଧାରା ସମୟସ୍ରୋତରେ ଗତିଶୀଳ ଓ କ୍ରମବିକଶିତ ହୋଇ ପୂର୍ଣ୍ଣାଙ୍ଗ ହୋଇପାରିଛି । ଶିଳାଲେଖର ଭାଷାକଥା ବିଚାର କଲାବେଳେ ଏହାର ଐତିହାସିକ ତଥ୍ୟ ଓ ତାରିଖ ସହ ଆମ ଭାଷା ଓ ଲିପିର ପ୍ରାଚୀନ ପଦଚିହ୍ନ କଥା ବିଚାର କରିବାକୁ ହୁଏ । ଏ ଦିଗରେ ଏପର୍ଯ୍ୟନ୍ତ ଉଭୟ ଓଡ଼ିଆ ଓ ଇଂରାଜୀ ଭାଷାରେ ଅନେକ ଦୃଷ୍ଟାନ୍ତମୂଳକ ଗବେଷଣା ହୋଇଥିଲେ ମଧ୍ୟ ଆହୁରି ଅଧିକ କାର୍ଯ୍ୟ ଯେ ଆବଶ୍ୟକ ମନେହୁଏ, ଏହା କହିବା ନିଷ୍ପ୍ରୋୟଜନ ।

କହିବାବାହୁଲ୍ୟ ଏହି ଲେଖକ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟ ଅଧିନସ୍ଥ ଭାରତୀୟ ଭାଷା ସଂସ୍ଥାନ, ମୈଶୂରର ଶାସ୍ତ୍ରୀୟ ଓଡ଼ିଆ ଉତ୍କର୍ଷ ଅଧ୍ୟୟନ କେନ୍ଦ୍ରରେ ବରିଷ୍ଠ ଗବେଷକ ଭାବେ ଯୋଗଦେଇ ଓଡ଼ିଶାର ଶିଳାଲେଖର କ୍ରମ, ତଥ୍ୟ ଓ ତାରିଖ ସହ ଭାଷାତାତ୍ତ୍ୱିକ ଅଧ୍ୟୟନରେ କାର୍ଯ୍ୟରତ । ଏହି ସୁଯୋଗର ସଦୁପଯୋଗ କରି ପ୍ରତ୍ୟକ୍ଷଭାବେ ବହୁ ଅଞ୍ଚଳ ଯେମିତିକି ଧଉଳି, ଜଉଗଡ଼, ଉଦୟଗିରି, ଶ୍ରୀଜଙ୍ଗ, ସୀତାବିଞ୍ଜି, ସୋର, ସିଂହନାଥ, ଅନନ୍ତବାସୁଦେବ, ଲିଙ୍ଗରାଜ, ଶ୍ରୀମନ୍ଦିର ଯାଇ ସେଠାରେ ଥିବା ଶିଳାଲେଖର ଅନୁଧ୍ୟାନ ଓ ଅଧ୍ୟୟନ କରିଛି ଓ ଏସବୁରେ ଆମ ଲିପି ଓ ଭାଷାର କ୍ରମବିକାଶ ଦେଖି ବିସ୍ମିତ ହେବା ସହ ଗର୍ବ ଅନୁଭବ କରିଛି ।

ସହକାରୀ ପ୍ରେଫସର
ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ, ଏନ୍.ସି.ଇ.ଆର୍.ଟି,
ଭୁବନେଶ୍ୱର- ୨୨

•••

## ଶବର ଜାତିର ଶିବରାତ୍ରି ପାଳନ ବିଧି

**ଡକ୍ଟର ଶିରୀଶ ଚନ୍ଦ୍ର ଜେନା**

ପୂର୍ବକାଳରେ ଶବରମାନେ ବଣ ଜଙ୍ଗଲ ଅଧୁଷିତ ଅଞ୍ଚଳରେ ବସବାସ କରୁଥିଲେ । ସପରିବାରେ ବନ୍ଧୁ, କୁଟୁମ୍ବଙ୍କୁ ନେଇ ଶବର ଜାତିର ସାମ୍ରାଜ୍ୟ । ଧନୁ ଧାରଣ କରି ସେ ଜଙ୍ଗଲରେ ବୁଲେ । ଜଙ୍ଗଲ ଜାତ ଦ୍ରବ୍ୟ; ଯାହା ମିଳେ ସେଇଥିରେ ନିଜର ପେଟ ଭୋକ ମେଣ୍ଟାଏ । ଫଳ, ମୂଳ, ଆହାର କରେ । ଜଙ୍ଗଲରେ ପଶୁ ଶିକାର କରେ । ତା' ମାଂସକୁ ପୋଡ଼ି ଖାଇ, ରାନ୍ଧି ମଧ୍ୟ ଖାଏ । ସେ ପ୍ରାକୃତିକ ଦୁର୍ବିପାକ ସହେ । ନିଜ କୁଡ଼ିଆରୁ ଯେଉଁଦିନ ବାହାରି ପାରେ ନାହିଁ, ସେଦିନ ଏକ ପ୍ରକାର ଉପବାସରେ ନିଜ ପିଲା-କବିଲାଙ୍କ ମୁହଁ ଚାହିଁ ପଡ଼ିରହେ । ଏହିପରି ଦୁଃଖଦ ସାମାଜିକ ଜୀବନ ବିତାଉଥିଲା ବେଳେ, ସୁଖ ବେଳେବେଳେ ଆସେ । ନିଜର ପିଲାମାନେ ପାରିଗଲେ ସେମାନେ ଜଙ୍ଗଲକୁ ଯାଇ ବିଭିନ୍ନ ଦ୍ରବ୍ୟ ସଂଗ୍ରହ କରନ୍ତି ଓ କିଛି କିଛି ସଞ୍ଚୟ କରନ୍ତି । ଅଭାବ ଦିନ ଗୁଡ଼ିକ ସେଇଥିଲେ ବିତେ ।

ଖୁଦୁରୁକୁଣୀ ଓଷାରେ ଶବର ଉପାଖ୍ୟାନ ମଧ୍ୟ ଅଛି । ସାଧବଘର ର ଛଅବୋହୂଙ୍କ ନାଶା ଛେଦନ ପରେ ସେମାନେ ଅପମାନ ଯୋଗୁଁ ବଣକୁ ଚାଲି ଯାଇଥିଲେ । ବଣରେ ଯାଉ ଯାଉ ଏକ ମହାବଳ ବାଘକୁ ଦେଖି ସମସ୍ତେ ଛାନିଆରେ ଅଚେତ ହୋଇଗଲେ । ସେଇଠାରେ ଯୋଗକୁ ଏକ ଶିବ ମନ୍ଦିର ଥାଏ । ସେଇ ଶିବ ମନ୍ଦିରକୁ ଶବରଟିଏ ପ୍ରତ୍ୟେକ ଦିନ ଆସେ । ଶିବ ମନ୍ଦିରର ସେ ହେଉଛି ପୂଜକ । ମନ୍ଦିରର ଅନତି ଦୂରରେ ଛଅବୋହୂଙ୍କର ଏହିପରି ଦୁର୍ଦ୍ଦଶା ଦେଖି ତାର ମନ ତରଳି ଯାଇଛି । ଶିବଙ୍କ ଅତି ଭକ୍ତିରେ ସେ ଦିନ ପୂଜା କରି ଏହି ଦୁର୍ଦ୍ଦଶାଗ୍ରସ୍ତ ମହିଳାମାନଂକ ପାଇଁ ବର ମାଗିଛି । ଶିବ ଶବରର ପୂଜାର୍ଚ୍ଚନରେ ସନ୍ତୁଷ୍ଟ ହୋଇ ସାଧବ ଘରର ଛଅବୋହୂଙ୍କୁ ଜିଆଁଇ ଦେଲେ । ସେମାନଙ୍କ କାଟିଲା ନାକ ପୁଣି ଥରେ କଅଁଳି ଉଠିଲା । ଏହି ଶିବଭକ୍ତ ଶବରର ନାମ ବିରୂପାକ୍ଷ । କେଉଁ ଆଦିମ କାଳରୁ ଶିବଙ୍କ ସହିତ ଶବର ଜାତିର ସଂପର୍କ ଏଇ କଥାରୁ ବୁଝାପଡ଼େ ।

ଶିବଙ୍କର ବିଭିନ୍ନ ପର୍ବ ମଧ୍ୟରେ ଶିବରାତ୍ରି ବା ଜାଗର ପର୍ବ ହେଉଛି ସବୁଠୁ ବଡ଼ । ଏହା ଫଗୁଣ ମାସ କୃଷ୍ଣ ଚତୁର୍ଦ୍ଦଶୀ ତିଥିରେ ପାଳନ କରାଯାଇଥାଏ । ତିନୋଟି ପ୍ରଧାନ ବିଧିରେ ଜାଗର ବା ଶିବରାତ୍ରି ପାଳିତ ହୁଏ । ଉପବାସ, ଉଜାଗର ଓ ପୂଜାର୍ଚ୍ଚନା । ଏଥିରେ ଉପବାସକୁ ବିଶେଷ ଗୁରୁତ୍ୱ ଦିଆଯାଏ । ତିଥିତତ୍ତ୍ୱରେ ଅଛି –

"ଅସ୍ୟାମୁପବାସ ପ୍ରଧାନମ୍
ନ ସ୍ନାନେନ ନ ବସ୍ତ୍ରେଣ, ନ ଧୂପେନ
ନ ଚାର୍ଚ୍ଚୟା ତୁଷ୍ୟାମି ନ ତଥା ପୁଷ୍ପୈ
ଯଥା ତତ୍ରୋପବାସତଃ ॥"

ଏହି କଥା ଶିବ ନିଜେ କହିଛନ୍ତି ବୋଲି କୁହାଯାଇଥାଏ । ଶବର ମାନଙ୍କ ଦ୍ୱାରା ଏହି ବ୍ରତ ପ୍ରଥମେ ପାଳିତ ହେଉଥିଲା । ଏବେ ଆମ ସମାଜରେ ଯେଉଁ ଶିବରାତ୍ରି ପାଳିତ ହୋଉଛି ତାହା ହେଉଛି ଶବର ମାନଙ୍କ ମଧ୍ୟରେ ପାଳିତ ହେଉଥିବା ପୂଜା ବିଧିର ଏକ ବିବର୍ତ୍ତିତ ରୂପ ।

‘ଶିବରାତ୍ରି’ ବା ‘ଜାଗର’ ସଂପର୍କରେ ଗରୁଡ଼ ପୁରାଣ, ସ୍କନ୍ଦ ପୁରାଣ, ପଦ୍ମ ପୁରାଣ ଏବଂ ଅନ୍ୟାନ୍ୟ ଶିବ ପୁରାଣମାନଙ୍କରେ ବିଭିନ୍ନ କଥା ପ୍ରଖ୍ୟାପିତ ହୋଇଛି । ଏହି ସବୁ ଅଖ୍ୟାୟିକା ମାନଙ୍କରେ ‘ପାପକର୍ମା’ ନାମକ ଜଣେ ବ୍ୟାଧ ବା ଶବର କଥା ବର୍ଣ୍ଣନା କରାଯାଇଛି । ପାପକର୍ମା ଜୀବନରେ ଅନେକ ପାପ କାର୍ଯ୍ୟର ଭାଗିଦାରୀ ଭାବେ ବେଶ ଜଣାଶୁଣା । ଏହି ପାପୀ ମଣିଷ ଜଣକ ଏକଦା ଅବସ୍ଥା ଚକ୍ରରେ ପଡ଼ି ବେଲଗଛରେ ଆଶ୍ରା ନେଇ ଉପବାସରେ ରାତିଟିଏ କଟାଇଥିଲା । ଜଙ୍ଗଲରେ ରାତ୍ରକାଳରେ ନିଜର ଆତ୍ମରକ୍ଷା ପାଇଁ ବେଲଗଛ ଉପରେ ଚଢ଼ି ବେଲଗଛରୁ ଡାଳ-ପତ୍ର ମାନ ତଳକୁ ପକାଇ ରାତିଟିକୁ ବିତାଇବା ପାଇଁ ଚେଷ୍ଟା କରିଥିଲା । ତାର ଅଜ୍ଞାତରେ ସେହି ବେଲପତ୍ରଗୁଡ଼ିକ ଏକ ଶିବଲିଙ୍ଗ ଉପରେ ପଡୁଥିଲା ଏବଂ ଏହା ପରଠାରୁ ସେ ଏକାନ୍ତଭାବେ ଜଣେ ଶିବଭକ୍ତ ଭାବେ ରୂପାନ୍ତରିତ ହୋଇଗଲା । ଏହି ଉପାଖ୍ୟାନଟି ଗୋବିନ୍ଦ ରଥଙ୍କ ଦ୍ୱାରା ‘ଶିବରାତ୍ରି ବ୍ରତ କଥା’ରେ ଅଛି । ଏହା ୧୯୧୦ ମସିହାରେ ପ୍ରକାଶ ପାଇଥିଲା । ସେଥିରେ ଉଲ୍ଲେଖ ଅଛି

“ଶଙ୍କର ବୋଇଲେ ଏକ ନିଷାଦ ଚରିତ,
କହୁଅଛି ପ୍ରିୟେ ଶୁଣ ହୋଇ ଏକ ଚିତ୍ତ ।
ପାପକର୍ମା ନାମ ତାର ମଧ୍ୟ ଦେଶେ ଘର,
ଚକ୍ଷୁ ତାର କୃଷ୍ଣବର୍ଣ୍ଣ ବିସ୍ତୃତ ଶରୀର ।”

x x x

ଆପଣାର ମନ୍ଦିରକୁ କରଇ ଗମନ,
କ୍ଷୁଧାରେ ବ୍ୟାକୁଳ ହେଲା ତାହାର ଜୀବନ
ଶୀତରେ କମ୍ପିତ ଦେହ ଚାଲି ନପାରିଲା,
ସୂର୍ଯ୍ୟ ଅସ୍ତ ହୋଇ ରାତି ପ୍ରବେଶ ହୋଇଲା
ଗଗନକୁ ଆଚ୍ଛାଦିଲା ଘୋର ଅନ୍ଧକାର,
ବାହାରିଲେ ହିଂସ୍ରଜନ୍ତୁ ବନରୁ ଅପାର ।
ଦେଖି ଭୟେ ବ୍ୟାଧ ବିଲ୍ୱବୃକ୍ଷରେ ଚଢ଼ିଲା,
ଏକ ମହାବଳ ବ୍ୟାଘ୍ର ପ୍ରବେଶ ହୋଇଲା,
ଖାଇବା ଆଶାରେ ଚାକି ରହିଲା ମୂଳରେ,
ବୃକ୍ଷେ ଥାଇ ଭୟେ ବ୍ୟାଧ ଡାଳପତ୍ର ଧରେ ।”

ସେହିଦିନ ଥିଲା ଶିବରାତ୍ରି । ଫାଲ୍‌ଗୁନ କୃଷ୍ଣପକ୍ଷ ଚତୁର୍ଦ୍ଦଶ ତିଥି । ବେଲ୍ୱପତ୍ର ଶିବଲିଙ୍ଗ ଉପରେ ପଡୁଥିବା ଯୋଗୁଁ ଶିବ ସନ୍ତୁଷ୍ଟ ହେଲେ । ଶିବଙ୍କ କୃପାରୁ ବ୍ୟାଘ୍ର ଚାଲିଗଲା ତା’ ବାଟରେ । ଶବରଟି ଜୀବନ ପାଇ ଘରକୁ ବାହୁଡ଼ି ଗଲା । ଏତିକିରେ କଥା ସରିଲା ନାହିଁ । ଶବରର ମୃତ୍ୟୁ ପରେ ଶିବଙ୍କର ପରମ ଭକ୍ତ ଭାବେ କୈଳାଶରେ ଦିବ୍ୟ ଗୃହ ପ୍ରାପ୍ତ ହୋଇ ମୃତ୍ୟୁ ପରର ଜୀବନ ଅତିବାହିତ କଲା ।

ଆଉ ଗୋଟିଏ କାହାଣୀ ଶବରକୁ ନେଇ ରଚିତ । ପ୍ରତ୍ୟନ୍ତ ଦେଶରେ ଜଣେ ବ୍ୟାଧ ବା ଶବର ରହୁଥିଲା । ଶିକାର କରି ନିଜ ପରିବାର ପ୍ରତିପୋଷଣ କରେ । ମାତ୍ର ପରିବାର ବଡ଼ ହୋଇଥିବା ଯୋଗୁଁ ସେ ସାହୁକାର ଠାରୁ କରଜ ଆଣିଲା । ତାକୁ ପରିଶୋଧ କରିପାରିଲା ନାହିଁ । ସାହୁକାର ସେହି ଶବରକୁ ଗୋଟିଏ ମନ୍ଦିରରେ କଏଦ କରି ରଖିଲେ । ସେଠାରେ ବିଭିନ୍ନ ବ୍ରତ ଉପାସନା ହୁଏ । ସେ ସବୁ କଥା ଶବରର କାନରେ ପଡ଼େ । ଶିବରାତ୍ରିର ଶିବଙ୍କ ମହିମା କଥା ମଧ୍ୟ ସେ ମନଯୋଗ ସହକାରେ ଶୁଣିଲା । ସାହୁକାର ହଠାତ୍ କ’ଣ ଭାବିଲା କେଜାଣି, ସେ ଗୋଟିଏ ଦିନ ପାଇଁ ଶବରକୁ ଛାଡ଼ିଦେଲା । ଶବର ଖୁସି ମନରେ ଆସି ଶିକାର ଖୋଜିଗଲା । ସେହି ନଗରର ଦକ୍ଷିଣ ଦିଗରେ ଗହନବନ ଭିତରେ ପଶିଗଲା । ଦିନସାରା ଉପବାସରେ ରହି ଗୋଟିଏ ଜଳାଶୟ ନିକଟରେ ଶିକାରକୁ ଅପେକ୍ଷା କରି ରହିଲା । ସେଇ ପାଖରେ ବେଲଗଛ ମୂଳରେ ଶିବଙ୍କର ମଣ୍ଡପଟିଏ ଥାଏ । ସେ ବେଲଗଛରୁ ବେଲପତ୍ର ତୋଳି ମଣ୍ଡପରେ ଥିବା ଶିବଲିଙ୍ଗ ଉପରେ ପତ୍ରଗୁଡ଼ିକୁ ସମର୍ପିଲା । ଏହାପରେ ତା’ ମନରେ ବେଶ୍ ପରିବର୍ତ୍ତନ ଆସିଲା । ପରଦିନ ସକାଳେ ଗର୍ଭିଣୀ ହରିଣକୁ ଦେଖିଲା । ହରିଣୀର କାକୁତି ମିନତିରେ ସେ ତାକୁ ବଧ କଲାନାହିଁ । ପୁଣି ଥରେ ବେଲପତ୍ର ଗୁଡ଼ିକୁ ନେଇ ଶିବଲିଙ୍ଗରେ ଥାପିଲା । ପୁଣି ହରିଣୀଟିଏ ଆସିଲା । ତାକୁ ମଧ୍ୟ ସେ ଛାଡ଼ିଦେଲା । ଚତୁର୍ଥରେ ହୃଷ୍ଟପୁଷ୍ଟ ହରିଣଟିଏ ଆସିଲା । ସେ ଶବରକୁ କହିଲା ଆଗରେ ଯାଉଥିବା ତିନୋଟି ଯାକ ହରିଣୀ ହେଉଛନ୍ତି ମୋ ସ୍ତ୍ରୀ । ସେମାନେ ମୋତେ ଖୋଜୁଛନ୍ତି । ତେଣୁ ମୋତେ ବଧ ନକରି ମୋ ପରିବାରୁ ଭେଟିବା ପାଇଁ ସୁଯୋଗ ଦିଅ । ଏହାପରେ ବ୍ୟାଧ ତାକୁ ମଧ୍ୟ ଛାଡ଼ିଦେଲା । ହରିଣ-ହରିଣୀ ଓ ଶବର ସମସ୍ତେ ମିଶି ରାତ୍ରକାଳରେ ଶିବରାତ୍ରି ପାଳନ କଲେ ।

ଅତୀତରେ, ପ୍ରାଗ୍ ଐତିହାସିକ ଯୁଗରେ ଯେଉଁ ପ୍ରକାର

ଶବର ସଂସ୍କୃତିରେ ଧର୍ମାଚାର ଥିଲା, ସେଥିରେ ବହୁ ପରିବର୍ତ୍ତନ ଘଟିଛି । ଶାସ୍ତ୍ରୀୟ ବିଧିରେ ଏବେ ସେହି ଶବର ପୂଜିତ ଈଶ୍ୱରଙ୍କ ଉପାସନା ସଭ୍ୟ ମଣିଷ 'ଶିବରାତ୍ରି' ନାମଦେଇ ପ୍ରତ୍ୟେକ ବର୍ଷ ପାଳନ କରି ଆସୁଛି । ଉପବାସ ଏବଂ ବ୍ରତ ଭକ୍ତର ଧର୍ମାଚାର । ଶିବ ଚତୁର୍ଦ୍ଦଶୀରେ ଏବେ ଏବେ ଶିବ ମନ୍ଦିର ମାନଙ୍କରେ ମେଳା ବସୁଛି । ଭୁବନେଶ୍ୱରରେ ଲିଙ୍ଗରାଜ, କୋରାପୁଟରେ ଗୁପ୍ତେଶ୍ୱର, ଢେଙ୍କାନାଳରେ କପିଳାସ, ଶରଣକୂଳରେ ଲଡୁବାବା, ପାନପୋଷ (ରାଉରକେଲା)ରେ ବେଦବ୍ୟାସ, ଆରଡ଼ିରେ ଆଖଣ୍ଡଳମଣି, ହୁମା ନିକଟରେ ବିମଳେଶ୍ୱର, ନୀଳଗିରିରେ ପଞ୍ଚଲିଙ୍ଗେଶ୍ୱର-ପ୍ରଭୃତି ଶୈବପୀଠ ମାନଙ୍କରେ ବଡ଼ ଧରଣର ମେଳା-ମହୋତ୍ସବ କରାଯାଉଛି । ଏହା ଆଜି ସର୍ବଭାରତୀୟ ପର୍ବରେ ପରିଣତ ହୋଇଛି ।

ଭାରତର ବିଭିନ୍ନ ଶୈବକ୍ଷେତ୍ର ମହାଆଡ଼ମ୍ବରରେ ଏହି ପର୍ବ ପାଳନ କରାଯାଉଛି । କିନ୍ତୁ ମୂଳତଃ ଦେଖିବାକୁ ଗଲେ ଏହି ଶବର ପୂଜିତ ଶୈବ ଉପାସନା ଆଜି ଆର୍ଯ୍ୟମାନଙ୍କର ଉପାସନା ପାଲଟି ଯାଇଛି । ଶବର ମାନଙ୍କ ଭିତରେ ସରଳ ଧର୍ମାଚାର ଥିଲା ନିରୋଳା ଭକ୍ତି ଭାବରେ ସେମାନେ ବିହ୍ୱଳ ହୋଇଯାଉଥିଲେ । 'ଶିବରାତ୍ରି'ର ମହିମା ଗାନ କରି ଦିନେ ଗୋପବନ୍ଧୁ ଲେଖିଥିଲେ ।

"ସମସ୍ତ ଜୀବନ କର ଏକ ଶିବରାତ୍ରି
ଅନ୍ଧାରରେ ନ ହୁଡ଼ ପଥ ହେ ସ୍ୱରଗଯାତ୍ରୀ ।"

ହିନ୍ଦୁଧର୍ମ ହେଉଛି ବହୁ ଧାର୍ମିକ ଧାରାରା ସମନ୍ୱୟ । ଏହାର ମୂଳ ଆଧାର ପ୍ରତି ଦୃକ୍‌ପାତ କଲେ, ଆମେ ଏହି ନିଷ୍କର୍ଷରେ ପହଞ୍ଚୁ ଯେ, ଏହା ଗୋଟିଏ ନିର୍ଦ୍ଦିଷ୍ଟ ଧାର୍ମିକ ଧାରା ନୁହେଁ, ବରଂ ବହୁ ଧର୍ମରୁ ଆସିଥିବା ଧାରା ବା ବିଶ୍ୱାସର ସମନ୍ୱୟ । ନୃତତ୍ତ୍ୱବିତ୍ ଏ.ଏଲ କ୍ରୋବର ଏହା ସଂପର୍କରେ କହିନ୍ତି ଯେ – "Hinduism is therefore comparable to the ancient Greek and early Western-Asiatic religions in consisting of a series of locally or tribally different cults never fully integrated or harmonized, conscious and tolerant of one another, resting on common assumptions and similar in context, everywhere in accord with tradition and usage, resistive but tied into a certain unity through reflecting a more or less common civilization."

ଶିବ ପୂଜନ ବା ଶୈବଧର୍ମ ପ୍ରାରମ୍ଭରେ ଅନାର୍ଯ୍ୟ ମାନଂକ ଦ୍ୱାରା ଆରମ୍ଭ ହୋଇ ଏବେ ଏକ ବିକଶିତ ରୂପ ପରିଗ୍ରହଣ କରିଛି । 'ରୁଦ୍ରସୁଧାନିଧି' ବହୁ ଶତାବ୍ଦୀ ପରର ସୃଷ୍ଟି କିମ୍ବା କଳଶା ଚଉତିଶା କେତେ କେତେ ଲୋକକଥା, ଲୋକଗୀତିକାର ପରବର୍ତ୍ତୀ ସମୟର ସାହିତ୍ୟ । ଅବଶ୍ୟ ପରେ ଏହାର ବିସ୍ତାରିତ ରୂପରେଖ ଦେଖିବାକୁ ମିଳେ । ଆମ ପରମ୍ପରାକୁ ଅନାର୍ଯ୍ୟ ବା ଶବର ସଭ୍ୟତା ବହୁମାତ୍ରାରେ ବିମଣ୍ଡିତ କରିଛି । ସବୁ ଗୁଡ଼ିକ ଆମ ସଂସ୍କୃତିର ଅମୂଲ୍ୟ ସଂପଦ । ଆମର ମହାନ ପରମ୍ପରାକୁ ଏଗୁଡ଼ିକ ଦୃଢ଼ୀଭୂତ କରିଛନ୍ତି ବୋଲି କୁହାଯାଇପାରେ ।

ଚୂନଭାଟି, ଗୋପାଳଗାଁ, ବାଲେଶ୍ୱର

•••

# ମଣିଷ : ଏକ ଐତିହ୍ୟ

ଡ. ସୁବାସ ଚନ୍ଦ୍ର ପାତ୍ର

ବିଲୁପ୍ତ ଜୈବ ବିବିଧତା ପ୍ରେକ୍ଷାପଟରେ ଅନେକ ଗଛଲତା, ଫୁଲଫଳ, ଜୀବଜନ୍ତୁ ଅନ୍ତର୍ହିତ ହୋଇଯାଇଥିବାବେଳେ ଗ୍ରାମ୍ୟ ସମାଜକୁ ସରସତାଭରା ବୈଚିତ୍ର ପ୍ରଦାନ କରୁଥିବା ଅନେକ କିସମର ମଣିଷମାନେ ମଧ୍ୟ ଆଜି ଲୁପ୍ତ । ସେମିତ କିଛି ସହରୀୟ ପ୍ରତିନିଧିମାନେ ମଧ୍ୟ ଗଲେଣି । ତେବେ ଗ୍ରାମ୍ୟଜୀବନରେ ସଂଘଟିତ ପରିବର୍ତ୍ତନ ବେଶ ଆଖି ଦୃଶିଆ ଏବଂ ଅନୁଭବଯୋଗ୍ୟ ।

ଗାଆଁଗୁଡ଼ିକ ଆଜି ଅସହାୟ ଡଷ୍ଟବିନ୍, ସବୁଜ ମରୁଭୂମି । ଗାଆଁରେ ଏବେ ସହର ପଶିଛି, ତା'ର ଯାବତୀୟ ଅପସଂସ୍କୃତି ନେଇ । ଗ୍ରାମବାସୀମାନଙ୍କ ଦୁଃଖ, କଷ୍ଟ, ଅଭାବ ଲାଘବ ପାଇଁ ଯେଉଁ ବ୍ୟବସ୍ଥା କରାଗଲା, ତାହିଁ ସାଜିଛି ତା'ର ସଂସ୍କୃତିର ବୈରୀ । ଗାଆଁକୁ ସଡ଼କ ଗଲା । ସଡ଼କରେ ଆମ୍ବୁଲାନ୍ସ ଗଲା । ଆଉ ଗଲା ଚୋରାମଦ ବୋଝେଇ ଗାଡ଼ି, ଫେରିଲା ଚୋରାକାଠ ନେଇ । ବିଜୁଳି ଗଲା, ବଲ୍‌ବ ଜଳିଲା, ଗାଁ ଆଲୋକିତ ହେଲା, କିନ୍ତୁ ଆତ୍ମା ଅନ୍ଧକାରାଚ୍ଛନ୍ନ ହେଲା, କାରଣ ଗଳିକନ୍ଦିରେ ପ୍ରଦର୍ଶିତ ହେଲା ଅଶ୍ଳୀଳ ଚଳଚ୍ଚିତ୍ର । ଲୋକେ ଛାଇଖେଳ ଭିତରେ ନୂଆ ଆମୋଦର ସନ୍ଧାନ ପାଇଲେ । ଅଥଚ ନିରୋଳା ମଣିଷ ନିଜେ ଥିଲା ଅନ୍ୟପାଇଁ ବିମଳ ଆନନ୍ଦର କାରଣ । କେତେବେଳେ ପ୍ରତ୍ୟକ୍ଷରେ, ସାମନାସାମନି ଉପସ୍ଥିତିରୁ ଚରିତ୍ରମାନେ ଅନ୍ୟମାନଙ୍କୁ ଆମୋଦିତ କରୁଥିବାବେଳେ

କେତେବେଳେ ପରୋକ୍ଷରେ ସେହିମାନଙ୍କ କଥା ଚର୍ଚ୍ଚା କରି, ଅତିରଞ୍ଜିତ କରି ଅନ୍ୟମାନଙ୍କୁ ସେ କଥା କହି, ମଣିଷ ଏକପ୍ରକାର ନୂତନ ଖୁସିର ଉତ୍ସ ଆବିଷ୍କାର କରୁଥିଲା, ଯାହା ପ୍ରକାରାନ୍ତରେ ଥିଲା ଏକପ୍ରକାର ଆତ୍ମ-ଆମୋଦୀ ଆନନ୍ଦ। ଗଣମାଧ୍ୟମର ଅନୁପସ୍ଥିତି ଓ ଯାତ୍ରା, ନାଟକ, ଅପେରା ଇତ୍ୟାଦିର ବିରଳତା ଭିତରେ ସେ ହସିବାର କିଛି କଞ୍ଚାମାଲ ପାଇ ଯାଉଥିଲା ଏହି ଚରିତ୍ରମାନଙ୍କ ଭିତରେ। ବ୍ୟବସାୟିକତାବିହୀନ, ବୈଚିତ୍ର୍ୟଭରା ଏକ ନିରାମୟ ସଂସାରରେ ମଣିଷ କାଳାତିପାତ କରୁଥିଲା। ଆର୍ଥିକ ଅନଟନ, ବିଜୁଳି, ସଡ଼କର ଅନୁପସ୍ଥିତି, ଶିକ୍ଷା, ସ୍ୱାସ୍ଥ୍ୟସେବାର ଅଭାବଜନିତ ପରିସ୍ଥିତି ଓ ସଂକଟର ମୁହଁ ଉପରେ ହସି ଯାବତୀୟ ଦୁଃଖକୁ ପ୍ରତିହତ କରିବାର ଏ ଥିଲା ଏକ ଗ୍ରାମ୍ୟ ମାଧ୍ୟମ। ଏମିତି କିଛି ଚରିତ୍ରକୁ ଏବେ ଦେଖିବା ଯେଉଁମାନେ ଗ୍ରାମ୍ୟ ଜୀବନକୁ ଏକ ସରସ ନୈତିକତା ପ୍ରଦାନ କରୁଥିଲେ।

ଇକ୍‌ବାଲ ଚାଚା। ଗାଁ ରାସ୍ତାରେ ଯାଉଥିଲାବେଳେ ଯାହା ସହିତ ଦେଖାହୁଏ ପଚାରନ୍ତି, "ଆଉ କେମିତି ଅଛନ୍ତି? ଘରେ ବାପା, ମା'?" ଏହି ପ୍ରଶ୍ନ ଯାନ୍ତ୍ରିକ ନ ଥିଲା ବରଂ ଏହା ପଛରେ ଭରି ରହିଥିଲା ଏକ ଉଷ୍ମ ମାନବିକତା। ରାସ୍ତାରେ ଗଲାବେଳେ ଯଦି ପାଖପଡ଼ିଆରେ ପିଲାମାନେ ଖେଳୁଥିବା ଦେଖନ୍ତି, ଇକ୍‌ବାଲ ଚାଚା ଜାଣିଶୁଣି ବାଟହୁଡ଼ି ପଡ଼ନ୍ତି ଯଦ୍ୱାରା ପିଲାମାନେ ତାଙ୍କୁ ଡାକ ପକାଇବେ। ଖେଳସ୍ଥଳରେ ପହଞ୍ଚିବା ପରେ ସବୁଠୁ ଛୋଟପିଲାଙ୍କୁ ସେ ତୋଳି ନିଅନ୍ତି ଏବଂ ହାତରେ ଧରେଇ ଦିଅନ୍ତି ଗୋଟିଏ ଲଜେନ୍‌ଜ ବା କିଛି ଚିନାବାଦାମ। ତା'ପରେ ପିଲାଟିକୁ ଓହ୍ଲାଇ ଦେଇ ଅପେକ୍ଷାକୃତ ବଡ଼ପିଲାକୁ ପଚାରନ୍ତି, 'ତୁମ ବାପାଙ୍କ ନାମ କ'ଣ?' ପିଲାଟି କହେ, 'ରାମଶଙ୍କର ଦାସ।' ସଙ୍ଗେ ସଙ୍ଗେ ଚାଚା କହନ୍ତି ତାଙ୍କ ବାପାଙ୍କ ନାମ ହରିଶଙ୍କର ଦାସ, ଆଉ ତାଙ୍କ ବାପାଙ୍କ ନାମ ଦୀନବନ୍ଧୁ ଦାସ। ସଂଗେ ସଂଗେ ଅନ୍ୟପିଲାଟି ପଚାରେ ମୋ ଜେଜେଙ୍କ ନାମ କ'ଣ? ଚାଚା କହନ୍ତି, 'ପ୍ରଥମେ ତୁମେ ବାପାଙ୍କ ନାମ କୁହ।' ପିଲା କହେ ଏବଂ ଚାଚା ଆଉ ଦୁଇଜଣ ପିତୃପୁରୁଷଙ୍କ ନାମ ଯୋଡ଼ି ଦିଅନ୍ତି। ଏହି କ୍ରମ ଚାଲେ ଅଧିକାଂଶ ପିଲାଙ୍କ କ୍ଷେତ୍ରରେ ଏବଂ ଚାଚା ସେଠୁ ବିଦାୟ ନିଅନ୍ତି। ପିଲାମାନେ ଚକିତ ହୁଅନ୍ତି। ଘରେ ବାପା, ମାଆଙ୍କୁ ପଚାରି ବୁଝନ୍ତି ଚାଚାଙ୍କ ତଥ୍ୟ ପ୍ରମାଦହୀନ। କ'ଣ ମିଳୁଥିଲା ଏଥିରୁ ଇକ୍‌ବାଲ ଚାଚାଙ୍କୁ? କାରଣ ଚାଚା ପ୍ରଦାନ କରୁଥିବା ଏହି ବଂଶଲତା ତଥ୍ୟର ବାଳଗ୍ରାହକମାନେ ଥିଲେ ମୁଖ୍ୟତଃ ସଂଖ୍ୟା ଗରିଷ୍ଠ ହିନ୍ଦୁ, ତେଣୁ ସେ ଦୃଷ୍ଟିରେ ଦେଖିଲେ ସେ ଥିଲେ ଜାତୀୟ ତଥା ସାଂପ୍ରଦାୟିକ ସଂହତିର ଜଣେ ପ୍ରତୀକ। ଖାଲି ଏତିକି ନୁହେଁ। ତାଙ୍କ ଚଳଣି ଓ ବ୍ୟବହାର ଥିଲା ନିଷ୍କଳଙ୍କ। ଅବିବାହିତ ଥିବାରୁ ସେ ନିଜ କାମ ନିଜେ କରୁଥିଲେ। ଅତିମାତ୍ରାରେ ସାଧୁ ଓ ସଙ୍କୋଚ। ପୋଷାକ ଥିଲା ଅଦ୍ୱିତୀୟ। ବିଭିନ୍ନ ଦରଜୀ ଦୋକାନରୁ ବଳି ପଡୁଥିବା ବିଭିନ୍ନ ରଙ୍ଗର ଖଣ୍ଡଲୁଗାମାନଙ୍କୁ ସାଉଁଟି ଆଣି ନିଜ ହାତରେ ତିଆରି କରୁଥିଲେ ନିଜର ଫତେଇ। ତାଙ୍କ ରଙ୍ଗବେରଙ୍ଗି ପୋଷାକ ଥିଲା ଗ୍ରାମ୍ୟ ବୈଚିତ୍ର୍ୟର ପ୍ରତିଫଳନ।

ମୋହନ ଭାଇ। ବୟସ ବହୁତ, କିନ୍ତୁ ସମସ୍ତେ ତାଙ୍କୁ ଭାଇବୋଲି ସମ୍ବୋଧନ କରୁଥିଲେ। ଯେତେବେଳେ ଜଣେ ପିଲା ତାଙ୍କୁ ଭାଇ ଡାକୁଥିଲା, ପାଖରେ ଠିଆ ହୋଇଥିବା ବୟସ୍କ ଲୋକଟି କହୁଥିଲା, ସେ ତୋ ବାପାଙ୍କର ଭାଇ, ଆଉ ତୋର ବି ଭାଇ, ନୁହେଁ? ବୟସାଧିକ୍ୟର ଓଜନ ଥିଲା ମୋହନଭାଇଙ୍କ କଥାରେ। ତାଙ୍କର ସ୍ମୃତି ଥିଲା ଏକ ସମୟର ସାମାଜିକ ଇତିହାସ, ଆଉ ତାଙ୍କ ମସ୍ତିଷ୍କ ଥିଲା ଏକ ଅଞ୍ଚଳର ନିର୍ଭରଯୋଗ୍ୟ ଆଟ୍‌ଲାସ୍। ନିଜଘରୁ ୩୦ କି.ମି. ବ୍ୟାସାର୍ଦ୍ଧ ଭିତରେ ଥିବା ସବୁ ଗାଁ, ପଞ୍ଚାୟତର ଭୌଗୋଳିକ ସ୍ଥିତି ଏବଂ କିଛି ପ୍ରମୁଖ ଲୋକମାନଙ୍କ ନାମ ଥିଲା ତାଙ୍କ ଜିଭ ଆଗରେ। କୌଣସି ଆଗନ୍ତୁକଙ୍କୁ ଦେଖିଲେ ସେ ଖୁସି ହୁଅନ୍ତି ଏବଂ କେତେବେଳେ ପରିବାରଠୁ ଗାଳି ବି ଖାଆନ୍ତି, ଯେତେବେଳେ ସେମାନଙ୍କୁ କୁଣିଆକରି ଘରେ ପହଞ୍ଚିଯାନ୍ତି। ଅପରିଚିତ ଲୋକଟିକୁ ଦେଖିଲେ ସେ କେମିତି ଆନ୍ଦୋଳିତ ହୋଇପଡ଼ନ୍ତି। ସଂଗେ ସଂଗେ ଆରମ୍ଭ କରନ୍ତି, "ବାବୁ, ତୁମ ଘର? ସାହସପୁର। ଆଚ୍ଛା, ଆଚ୍ଛା, ପ୍ରଶାନ୍ତ ମହାପାତ୍ରଙ୍କ ଘରଠୁ, ତୁମ ଘର କେତେ ଦୂର? ସାହସପୁର ସ୍କୁଲ ପାଖରେ ସେ କମାରଶାଳଟା ଅଛି ନା, ଆଉ ସ୍କୁଲ ସାମନାରେ ଥିବା ଦୁଇମୁଣ୍ଡିଆ ତାଳଗଛଟା?...ନଈରେ ମାଛ କେମିତି ପଡୁଛି?" ଏମିତି ତଥ୍ୟଭିତ୍ତିକ ଅନେକ କଥା ପଚାରି ଯାଆନ୍ତି। ଆଗନ୍ତୁକଟି ଭାବି ଆଶ୍ଚର୍ଯ୍ୟ ହୁଏ ଯେ ତା' ଗାଁ ପାଇଁ ସେ ନିଜେ ଅପରିଚିତ ନା ମୋହନ ଭାଇ। ବୟସ ସମ୍ବନ୍ଧରେ ସେ ବେଶ୍ ପ୍ରଗଳ୍‌ଭ। ସିଧା ସଳଖ କେବେ ତାଙ୍କ ବୟସ କହନ୍ତି ନାହିଁ। ଘଟି ଯାଇଥିବା କୌଣସି ଘଟଣା ବା ଏକ ପ୍ରମୁଖ ଅନୁଷ୍ଠାନର ସ୍ଥାପନାକୁ ଭିତ୍ତିକରି ସେ ପ୍ରଶ୍ନକର୍ତ୍ତାକୁ ବୟସ ମାପିବାକୁ କହନ୍ତି। ଯଦି କେହି ତାଙ୍କ ବୟସ କଥା ପଚାରନ୍ତି, ସେ ଓଲଟି ପ୍ରଶ୍ନରୁ ଆରମ୍ଭ କରନ୍ତି – "ଜାପାନ ଯୁଦ୍ଧ (ଦ୍ୱିତୀୟ ବିଶ୍ୱଯୁଦ୍ଧ) କେବେ ସରିଲା?" ୧୯୪୫।

"ସେତେବେଳେକୁ ମୁଁ କଲିକତାରେ । ବଡ଼ପୁଅ ସେତେବେଳେ ଜନ୍ମ ନେଲା । ଅବଶ୍ୟ କଲିକତାରୁ ମୁଁ ତା'ପରେ ପଳାଇ ଆସିଲି । ମୋ ଓଠଟା ଫୁଲି ଉଠିଛି ଦେଖୁଛ ? ସେ ମେସିନ୍‌ର ହ୍ୟାଣ୍ଡଲ୍‌ଟା ବାଜିଗଲା । ଫୁଲି ଉଠିବାର କାରଣ, ସେଇଟା ଘୋଡ଼ା କେଶରେ ସିଲେଇ ହୋଇଛି । ସେତେବେଳେ ତ ଆଜିକାଲିକା ଅପରେସନ୍ ସିଲେଇ ସୂତା ନ ଥିଲା । ହଁ ବଡ଼ପୁଅ ତ, ଏବେ ଅବସର ନେଲାଣି, ତାହେଲେ ହିସାବ କର ।" '୯୦ ବର୍ଷ ।' "ହଁ ସେଇଆ ହବ ।" "ଜଣା ତ ପଡୁନ ?" "ସେତେବେଳେ ଆମେ ଯାହା ଖାଇଛୁ, ସେ ଜିନିଷ ଏବେ କାହିଁ ?" "ହଁ, ସେ ଜିନିଷ ନାହିଁ ।" ମୋହନ ଭାଇ ଭଳି ଦୂରଦୂରାନ୍ତର ଭୂଗୋଳ ଓ ଇତିହାସର ଖବର ରଖୁଥିବା ମଣିଷମାନେ ନାହାନ୍ତି ।

ଇକ୍‌ବାଲ ଚାଚା ଓ ମୋହନ ଭାଇ ଆଜି ବିଲୁପ୍ତ ପ୍ରାୟ ମାନବୀୟ ଇନ୍ଦ୍ରଧନୁର ଏକ ଏକ କ୍ଷୁଦ୍ର ପ୍ରତିଫଳନ । କେତେ ପ୍ରକାରେ ମଣିଷମାନେ ସେମାନଙ୍କ ଉପସ୍ଥିତି, ଜୀବନର ଗୁରୁତ୍ୱ ଜାହିର କରିପାରୁଥିଲେ ଭାବିଲେ ଆଶ୍ଚର୍ଯ୍ୟ ଲାଗେ ଏବଂ ବେଶି ଚକିତ ହେବାକୁ ପଡ଼େ ଏହିକଥା ଭାବି ଯେ ମାମୁଲି ଚାଟଶାଳୀ ଶିକ୍ଷା ବା ନିରକ୍ଷରତା ଓ ଆର୍ଥିକ ଅନଟନ ସତ୍ତ୍ୱେ ସେମାନେ କିପରି ଏକ ସର୍ଜନଶୀଳ ସକାରାତ୍ମକ ଜୀବନଯାପନ କ୍ରମରେ ସାମାଜିକ ଜୀବନକୁ ସୁରସସୁନ୍ଦର କରିପାରୁଥିଲେ ।

ସଭାପତି, 'ଫକୀରମୋହନ ସାହିତ୍ୟ ପରିଷଦ'
ଜେଲ୍ ରୋଡ଼, ବାଲେଶ୍ୱର

•••

## ଉତ୍ତର ଓଡ଼ିଶାର ଦଣ୍ଡନାଟ

**ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀ**

ସମଗ୍ର ଓଡ଼ିଶାର ପୁରପଲ୍ଲୀରେ ଦଣ୍ଡନାଟ ବା ଦଣ୍ଡଯାତ୍ରା ଲୋକମାନଙ୍କଦ୍ୱାରା ଗ୍ରହଣୀୟ ଓ ଆଦୃତ । ଉତ୍ତର ଓଡ଼ିଶାରେ ମଧ୍ୟ ଦଣ୍ଡନାଟର ପ୍ରଭାବ କମ୍ ନାହିଁ । ଶିବ ମନ୍ଦିରରେ ଶିବ ଉପସନାକାରୀଙ୍କ ମଧ୍ୟରୁ କେତେକ ଭଗତାସାଜି ଦଣ୍ଡନାଟର ଆୟୋଜନ କରିଥାଆନ୍ତି । ଶିବ ମନ୍ଦିର ନିକଟରେ ଯଦି ଶକ୍ତିପୀଠ ଥାଏ ତ ଦେବୀ ଭକ୍ତବି ଦଣ୍ଡନାଟର ଆୟୋଜନରେ ମଗ୍ନ ହୋଇଯାଆନ୍ତି । ବାଲେଶ୍ୱରର ଚନ୍ଦନେଶ୍ୱର ମହାଦେବଙ୍କ ନିକଟରେ ବର୍ଷକୁ ଥରେ ବିଷୁବ ସଂକ୍ରାନ୍ତି ବେଳକୁ ଚଡ଼କଯାତ୍ରାର ଆୟୋଜନ କରାଯାଇଥାଏ । ଚଡ଼କ ଯାତ୍ରାରେ ଯେଉଁନାଟ ଗୀତର ପ୍ରସାରଣ କରାଯାଏ ସେଇୟାକୁ ଦଣ୍ଡନାଟ କୁହାଯାଇଥାଏ । ଚନ୍ଦନେଶ୍ୱର ବ୍ୟତୀତ ଉତ୍ତର ଓଡ଼ିଶାର ଅନ୍ୟତ୍ର ମଧ୍ୟ ପାଟଘଟ ଅନୁଷ୍ଠିତ ହୋଇଥାଏ ।

ଏହି ପାଟଘାଟକୁ ଚଡ଼କଯାତ୍ରା ବୋଲି କାହିଁକି କୁହାଯାଏ ତାହାର ଏକ ଲୋକକଥା କେତେକଙ୍କ ମୁହଁରୁ ଶୁଣିବାକୁ ମିଳିଥାଏ । ସେହି ଲୋକକଥା ଅନୁସାରେ ସତ୍ୟଯୁଗରେ ତାରକାସୁର ବୋଲି ଜଣେ ଦୈତ୍ୟଥିଲା । ସ୍ୱର୍ଗ, ମର୍ତ୍ତ୍ୟ ଓ ପାତାଳ ଜୟକରି ସେ ଦେବତାମାନଙ୍କୁ ନିଜର ଅଧୀନସ୍ଥ କରି ରଖିବାକୁ ଚାହିଁଲା । ଦେବତାମାନଙ୍କ ଅନୁରୋଧରେ ଶିବ ତାରକାସୁରକୁ ବଧ କରିଥିଲେ । ତାରକାସୁରର ପୁତ୍ର ଅର୍କାସୁର ମଧ୍ୟ ପ୍ରବଳ ପରାକ୍ରମୀ ଥିଲା । ଶିବଙ୍କଦ୍ୱାରା ପିତାଙ୍କ ମୃତ୍ୟୁ ହେବା ପରେ ଅର୍କାସୁର ବନ ମଧ୍ୟକୁ ପଳାୟନ କରି କଠୋର ତପସ୍ୟାରେ ମଗ୍ନ ରହିଲା । ଘୋର ତପସ୍ୟାରେ ରତହୋଇ ସେ ପିତୃହତ୍ୟାର ପ୍ରତିଶୋଧ ନେବାପାଇଁ ପ୍ରଚେଷ୍ଟା କରୁଥିଲା । ଅର୍କାସୁର ଓ ତାଙ୍କର ପତ୍ନୀ ଗୋମତୀଙ୍କଠାରୁ ଚଡ଼କାସୁର ଜନ୍ମ ହୋଇଥିଲା । ଗୁରୁ ଶୁକ୍ରାଚାର୍ଯ୍ୟଙ୍କଠାରୁ ଶିକ୍ଷା ପ୍ରାପ୍ତହୋଇ ଚଡ଼କାସୁର ରାଜ୍ୟ ଶାସକ କଲା । ସ୍ୱର୍ଗ ମର୍ତ୍ତ୍ୟ ପାତାଳରେ ବିଜୟ ହାସଲ କରିବାପାଇଁ ସେ ମଧ୍ୟ ଇଚ୍ଛା ପ୍ରକାଶ କଲା । ଏଥିପାଇଁ ସେ ଅନ୍ନଜଳ ପରିତ୍ୟାଗ କରି ବ୍ରହ୍ମାଙ୍କୁ ଧ୍ୟାନ କରିବାକୁ ଲାଗିଲା । ନିଜ ଶରୀର ସମ୍ମୁଖରେ ଅଗ୍ନି ପ୍ରଜ୍ୱଳନ କରି ସେ ତପସ୍ୟା କରିବାକୁ ଲାଗିଲେ ଓ ନିଜ ଶରୀରରୁ ମାଂସମାନ ଛିଣ୍ଡାଇ ଅଗ୍ନିଙ୍କୁ ସମର୍ପଣ କଲା । ତପସ୍ୟାରେ ସନ୍ତୁଷ୍ଟ ହୋଇ ବ୍ରହ୍ମା ଚଡ଼କାସୁରକୁ ବରପ୍ରଦାନ କରିବାକୁ ଚାହିଁବାରୁ ସେ ଅମରବର ଯାଚଞ୍ଚା କଲା । ଅମରବର ପ୍ରଦାନ କରିବା ସମ୍ଭବ ହୋଇନଥିବାରୁ ଜଣେ ନାରୀଦ୍ୱାରା ତାଙ୍କର ମୃତ୍ୟୁ ହେବ ବୋଲି କହି ବ୍ରହ୍ମା ଅନ୍ତର୍ଦ୍ଧାନ ହୋଇଗଲେ । ବ୍ରହ୍ମା କହିଥିଲେ ଯେ ଯଦି କୌଣସି ଅଯୋନିସମ୍ଭୂତା ନାରୀକୁ ରମଣ କରିବା ପାଇଁ ଚଡ଼କାସୁର ମନବଳାଏ ତେବେ ତାର ଆୟୁ କ୍ଷୂଣ୍ଣ ହେବ ଓ ଦେବ ଦେବ ମହାଦେବଙ୍କ ହାତରେ ତାର ନିଧନ ହେବ ।

କାଳକ୍ରମେ ଜଣେ ଅଯୋନି ସମ୍ଭୂତା କନ୍ୟାସହ ଚଡ଼କାସୁରର ସାକ୍ଷାତ ହୋଇଥିଲା । ଅଳକା ସୁନ୍ଦରୀନାମକ ସେହି ଅଯୋନି ସମ୍ଭୂତା କନ୍ୟାଟିର ଜୀବନ କାହାଣୀ ମଧ୍ୟ ଅତ୍ୟନ୍ତ ଚମତ୍କାର ।

ବ୍ରହ୍ମାଙ୍କଠାରୁ ବରପ୍ରାପ୍ତ ହୋଇ ଚଡ଼କାସୁର ଗଙ୍ଗାରେ ସ୍ନାନ କରୁଥିବା ସମୟରେ ଅପରୂପା ରୂପବତୀ ପାର୍ବତୀଙ୍କୁ ସନ୍ଦର୍ଶନ କଲା। ପାର୍ବତୀଙ୍କୁ ଦେଖି କାମଜ୍ୱାଳାରେ ତାର ବୀର୍ଯ୍ୟ ସ୍ଖଳିତ ହୋଇ ଗଙ୍ଗାରେ ପଡ଼ିଲା। ସେହି ବୀର୍ଯ୍ୟ ପାର୍ବତୀଙ୍କ ହାତରେ ଲାଗିବାରୁ ସେଥିରୁ ସୁନ୍ଦରୀ କନ୍ୟାଟିଏ ସୃଷ୍ଟିହୋଇଥିଲା। ପାର୍ବତୀ ସେହି କନ୍ୟାଟିର ନାମ ଅଳକା ସୁନ୍ଦରୀ ଦେଇ ଶ୍ୱେତବସନ୍ତ ନାମକ ପର୍ବତରେ ରଖିଥିଲେ।

ଦେଶ ଭ୍ରମଣ କରୁ କରୁ ଚଡ଼କାସୁରର ଦୃଷ୍ଟି ଅଳକାସୁନ୍ଦରୀ ଉପରେ ପଡ଼ିଥିଲା। ଅଳକାସୁନ୍ଦରୀର ସୌନ୍ଦର୍ଯ୍ୟରେ ବିମୁଗ୍ଧ ହୋଇ ଚଡ଼କାସୁର ତାକୁ ଆଲିଙ୍ଗନ କରିବାକୁ ଉଦ୍ୟତ ହେଲା। ଭୟାତୁରା ଅଳକାସୁନ୍ଦରୀ ଧାଇଁ ଧାଇଁ ଯାଇ ତାର ଧର୍ମପିତା ଶିବଙ୍କଠାରେ ଉପସ୍ଥିତ ହେଲା। ଶରଣ ରକ୍ଷାକରିବା ପାଇଁ ଶିବ ଚଡ଼କାସୁର ସହିତ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଗଲେ। ଫଳରେ ଶିବ ଓ ଚଡ଼କାସୁର ମଧ୍ୟରେ ମହାଯୁଦ୍ଧ ଆରମ୍ଭ ହୋଇଗଲା। ଭୟାତୁରା ଅଳକାସୁନ୍ଦରୀ ଛାନିଆଁରେ ଦୌଡୁଥିବାରୁ ତାର ଯାନୁଯୌବନ ଚଡ଼କାସୁରକୁ ଦୃଶ୍ୟ ହୋଇଗଲା। ଫଳରେ ସେ ବୀର୍ଯ୍ୟହୀନ ହୋଇପଡ଼ିବାରୁ ଶିବ ତାକୁ ନିଧନ କରିଥିଲେ।

ଚଡ଼କାସୁରର ନିଧନ ପରେ ତାର ସୈନ୍ୟସାମନ୍ତ ସହ ଅଳକାସୁନ୍ଦରୀ ଘୋର ଯୁଦ୍ଧ କରିଥିଲା। ଶିବ ଚଡ଼କାସୁରକୁ ନିଧନ କରିବାବେଳେ ଚଡ଼କାସୁର ହାତଯୋଡ଼ି ତାଙ୍କର ନାମକୁ ଧରାଧାମରେ ଅମର କରି ରଖିବାପାଇଁ ଅନୁରୋଧ କରିଥିଲା। ଅନୁରୋଧ ରକ୍ଷାକରି ଶିବ ଚଡ଼କାସୁରର ନାମ ଅନୁସାରେ ମର୍ତ୍ତ୍ୟରେ ଏକ ଯାତ୍ରା ସୃଷ୍ଟି କରିଥିଲେ। ସେହି ଯାତ୍ରାର ନାମ ଚଡ଼କ ଯାତ୍ରା। ପରାଜିତ ହୋଇଥିବା ଚଡ଼କଯାତ୍ରାର ସୈନିକମାନେ ସେହି ଯାତ୍ରାରେ ପାଟୁଆ ସାଜିଥିଲେ। ନିଜର କେଶକୁ ରଜ୍ଜୁକରି ଜୁଆଳିରେ ବାନ୍ଧି ସୈନ୍ୟମାନଙ୍କର କାନ୍ଧରେ ପକାଇ ଅଳକାସୁନ୍ଦରୀ ହଳକରି ନଗ୍ରେ ନଗ୍ରେ ବୁଲାଇଥିଲେ। ପାଟଯାତ୍ରାର ଯୁଆଳୀ ପାଟ ସେଇଥିରୁ ହିଁ ସୃଷ୍ଟି ହୋଇଥିଲା ବୋଲି ଗଳ୍ପ ଛନ୍ଦରେ କେହି କେହି ବର୍ଣ୍ଣନା କରିଥାଆନ୍ତି।

ପାଟଯାତ୍ରା ବା ଚଡ଼କଯାତ୍ରା ସହିତ ସମ୍ବନ୍ଧାନ୍ୱିତ କରି ଆହୁରି ଚମତ୍କାର ଲୋକକଥାମାନ ଅଭିଜ୍ଞ ବ୍ୟକ୍ତିଙ୍କଦ୍ୱାରା ପରିବେଷିତ ହୋଇଥାଏ। ଯେଉଁ ଶ୍ୱେତବସନ୍ତ ପର୍ବତରେ ଅଳକାସୁନ୍ଦରୀ ରହୁଥିଲେ ସେହି ପର୍ବତରେ ଅଶ୍ୱିନୀ ନାମକ ଜଣେ ଗନ୍ଧର୍ବ ମଧ୍ୟ ଅଭିଶାପଗ୍ରସ୍ତ ହୋଇ ବାସ କରୁଥିଲେ। ଶ୍ୱେତବସନ୍ତ ପର୍ବତରେ ସେ ଭରତନାମରେ ପରିଚିତ ଥିଲେ। ଅଳକା ସୁନ୍ଦରୀଙ୍କ ସହ ତାଙ୍କର ବିବାହ ହେବା ଓ ହସ୍ତଗ୍ରନ୍ଥି ପଡ଼ିବା ସମୟରେ ସେମାନଙ୍କର ସ୍ୱର୍ଗପ୍ରାପ୍ତି ହେବ ବୋଲି ପୂର୍ବରୁ ଠିକ୍ ହୋଇ ରହିଥିଲା। ସେହି ଦିନଠାରୁ ଶାପମୁକ୍ତ ହୋଇ ସେମାନେ ସ୍ୱର୍ଗରେ ପୁନଃସ୍ଥାପିତ ହେବାର ଆଶୀର୍ବାଦ ଲାଭ କରିଥିଲେ।

ଚଡ଼କଯାତ୍ରା ଚଡ଼କାସୁର ନାମରେ ପ୍ରତିଷ୍ଠିତ ହୋଇଥିବାରୁ ଓ ଚଡ଼କାସୁରର ସୈନ୍ୟମାନେ ଭକ୍ତା, ଭକତା ବା ଭଗତା ଭାବରେ ଏଥିରେ ଅଂଶ ଗ୍ରହଣ କରୁଥିବାରୁ ଭାରତ ଓ ଅଳକା ସୁନ୍ଦରୀ ମଧ୍ୟ ଏହି ଯାତ୍ରା ସହିତ ସଂପୃକ୍ତ ହୋଇପଡ଼ିଲେ। ଅର୍ଥାତ୍ ଚଡ଼କାସୁରର ନିଧନପାଇଁ ଭରତ ଓ ଅଳକାସୁନ୍ଦରୀ କଷ୍ଟସ୍ୱୀକାର କରିଥିବା ଯୋଗୁଁ ବ୍ରହ୍ମା ତାଙ୍କୁ ଏକ ବର ପ୍ରଦାନ କରିଥିଲେ। ବର ଅନୁସାରେ ସେମାନେ ପାଟଯାତ୍ରାରେ ଅର୍ଦ୍ଧନାରୀଶ୍ୱର ହୋଇ ପୂଜା ପାଇବେ। ମୃତ୍ୟୁପରେ ସେମାନଙ୍କର ମେଦଧରାପୃଷ୍ଠରେ ରହିବ। ଅସ୍ଥି ପଞ୍ଜରରେ ପଟି ତିଆରି ହେବ ଓ ଅର୍ଦ୍ଧନାରୀଶ୍ୱର ଭାବରେ ହାକୁଡ଼ ନିର୍ମିତ ହୋଇ ପଟି ସହ ପୂଜା ପାଇବେ। ଉତ୍ତର ଓଡ଼ିଶାର ପାଟଯାତ୍ରାମାନଙ୍କରେ ପଟି ଓ ହାକୁଡ଼ର ପୂଜାର୍ଚ୍ଚନା କରାଯାଇଥାଏ। ଦଣ୍ଡଯାତ୍ରା ସମ୍ପର୍କରେ ଯେଉଁମାନେ ଲେଖନୀଚାଳନା କରିଛନ୍ତି ପଟି ଓ ହାକୁଡ଼ ସମ୍ପର୍କରେ ସେମାନେ କିଛି ତଥ୍ୟ ପ୍ରଦାନ କରିନଥିବା ଯୋଗୁଁ ପାଠକମାନଙ୍କୁ ଏହି ଦୁଇଟି ଶବ୍ଦକୁ ଅବଗତ କରାଇଦିଆଯାଉଛି।

ଭରତ ଓ ଅଳକା ସୁନ୍ଦରୀଙ୍କର ଅସ୍ଥି ପିଞ୍ଜରରେ ପଟି ତିଆରି ହୋଇଛି ବୋଲି ଲୋକକଥା ରହିଥିଲେ ମଧ୍ୟ ଦଣ୍ଡଯାତ୍ରାରେ ପଟି ଶିବଙ୍କର ପ୍ରତିନିଧି ଭାବରେ କାର୍ଯ୍ୟ କରିଥାଏ। ସାଧାରଣତଃ ବାଉଁଶରେ କନା ଦିଆଯାଇ ପଟି ନିର୍ମିତ ହୋଇଥାଏ ଓ ତାହା ଶିବଙ୍କର ମନ୍ତ୍ରରେ ପୂଜାପାଇଥାଏ। ପଟିକୁ ପ୍ରତ୍ୟହ ଏକ ପୋଖରୀ କୂଳରେ ନିର୍ମିତ ହାକୁଡ଼ ନିକଟକୁ ନିଆଯାଏ। ପଟିକୁ ଯିଏ ଧାରଣ କରେ ସେ ଯାତ୍ରା ଶେଷ ହେବାପର୍ଯ୍ୟନ୍ତ ଆମିଷ ଭକ୍ଷଣ କରେନାହିଁ। ହାକୁଡ଼ ଏକ ପୋଖରୀ କୂଳରେ ନିର୍ମିତ ହୋଇଥାଏ। ପାଟ ଭଗତା ପୋଖରୀରୁ ପଙ୍କ ଆଣି ହାକୁଡ଼ ନିର୍ମାଣ କରିଥାଆନ୍ତି। ମଣିଷପରି ତାହାର ଦୁଇହାତ ଦୁଇଗୋଡ଼ ଓ ମୁଣ୍ଡଥାଏ। ଏହି ହାକୁଡ଼କୁ କଟିଠାରୁ ମୁଣ୍ଡଯାଏ ନାରୀ ରୂପରେ ଓ କଟିଠାରୁ ତଳ ପର୍ଯ୍ୟନ୍ତ ପୁରୁଷ ରୂପରେ ନିର୍ମାଣ କରାଯାଇଥାଏ। ତିଆରି ସରିବାପରେ ମୂର୍ତ୍ତିକୁ ବସ୍ତ୍ର ପିନ୍ଧାଇ ଦିଆଯାଏ। କଟିରୁ ଉପର ଭାଗକୁ ଶାଢ଼ୀରେ ଆବୃତ୍ତ କରାଯାଏ ଓ ତଳଭାଗ ଆବୃତ ହୋଇଥାଏ ଧୋତିରେ। ତାହାକୁ ଉପବୀତ ମଧ୍ୟ ପ୍ରଦାନ କରାଯାଇଥାଏ। ପାଟୁଆମାନେ ସ୍ନାନ ସାରି ହାକୁଡ଼ଠାରେ ଜଳାଞ୍ଜଳି ପ୍ରଦାନ କରିଥାଆନ୍ତି। ଦଣ୍ଡଯାତ୍ରାରେ ପଟି ଓ ହାକୁଡ଼ର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି।

ଚଡ଼କାସୁରର ଶରୀରର ଅନ୍ୟଅଂଶ ମଧ୍ୟ ଉଡ଼ାଯାତ୍ରା ସହିତ ସମ୍ପର୍କାନ୍ୱିତ ବୋଲି ଲୋକକଥାରେ ପ୍ରଚଳିତ ଅଛି । ଅର୍ଥାତ୍ ତାର ମୃତ୍ୟୁ ପରେ ତାର କଙ୍କାଳରେ ଉଡ଼ାଖମ୍ବ ନିର୍ମାଣ କରାଯାଇଥିଲା । ତାର ଅସ୍ଥିକଙ୍କାଳରେ ଅରଟି ନିର୍ମାଣ କରାଗଲା ଓ ହାତ ଦୁଇଟିକୁ ବାହାଲ କରାଗଲା । ଅନ୍ତନାଡ଼ିକୁ ଦଉଡ଼ି ରୂପେ ବ୍ୟବହାର କରାଗଲା ଓ ମୁଣ୍ଡରେ ଖାଇ ତିଆରି ହେଲା । ଚୈତ୍ରମାସରେ ଚଡ଼କାସୁରକୁ ବଧ କରାଯାଇଥିବାରୁ ଏହି ମାସରେ ହିଁ ପ୍ରାୟ ଦଣ୍ଡଯାତ୍ରା ଅନୁଷ୍ଠିତ ହୋଇଥାଏ ।

ଡକ୍ଟର କୃଷ୍ଣଚରଣ ବେହେରା ତାଙ୍କର ଓଡ଼ିଶାର ଯାତ୍ରା ଓ ପାରମ୍ପରିକ ଲୋକପ୍ରିୟ ନାଟ୍ୟଧାରା ଗ୍ରନ୍ଥରେ ଦଣ୍ଡନାଟର ବିସ୍ତୃତ ଆଲୋଚନା କରିଛନ୍ତି । ଏହି ଯାତ୍ରାର ନାମ କାହିଁକି ଦଣ୍ଡଯାତ୍ରା ହେଲା ସେ ସମ୍ପର୍କରେ ଦୁଇଟି କାରଣ ସେ ଉପସ୍ଥାପନ କରିଛନ୍ତି । ପ୍ରଥମ କାରଣଟି ହେଲା ନିଜକୁ ଦଣ୍ଡଦେଇ ଭଗତାମାନେ ଏହିଯାତ୍ରା କରୁଥିବାରୁ ଏହାର ନାମ ଦଣ୍ଡଯାତ୍ରା । ପ୍ରକୃତରେ ଭଗତାମାନେ ଦେହକୁ ଦଣ୍ଡ ଦେଇଥାଆନ୍ତି । ଦିନଯାକ ଉପବାସରେ ରହି ଗୀତ ଓ ନୃତ୍ୟକରି ସେମାନେ ଘର ଘର ବୁଲିଥାଆନ୍ତି । ଏହା ବ୍ୟତୀତ କିଏ ନିଜର ଜିଭକୁ ଫୋଡ଼ିଲାଣି ତ କିଏ କମରରେ କଣ୍ଟା ଫୋଡ଼ିଲାଣି । କିଏ ଧାରୁଆ ଖଣ୍ଡା ଉପରେ ପାଦ ରଖି ଚାଲିଲାଣି ତ କିଏ ନିଆଁପାଟରେ ନିଆଁ ଉପରେ ପାଦ ପକାଇଲାଣି । କିଏ ବାହାଲରେ ଉଡ଼ିଲାଣି ତ କିଏ ଜୁଆଳିପାଟରେ ତଳେ ନିଆଁ ଜାଳି ଉପରୁ ଓହଳି ପଡ଼ିଲାଣି । ଶିବଙ୍କୁ ଲାଭ କରିବା ପାଇଁ ଶିବଭକ୍ତ ସାଧକମାନେ ଯୁଗେ ଯୁଗେ ଏହିପରି କଷ୍ଟକର ସାଧନା କରିଥାଆନ୍ତି । ଶିବଙ୍କୁ ପାଇବାପାଇଁ ପାର୍ବତୀ କିପରି ତପସ୍ୟା କରିଥିଲେ କାଳିଦାସଙ୍କ 'କୁମାର ସମ୍ଭବ' ଗ୍ରନ୍ଥରୁ ଆମେ ଜାଣିଥାଉ । ଗରମ ଦିନରେ ଚାରିପାଖରେ ନିଆଁଜାଳି ଓ ଶୀତଦିନରେ ପାଣିରେ ବୁଡ଼ିରହି ସେ ତପସ୍ୟା କରୁଥିଲେ । ହୁଏତ ଏହି ପ୍ରକାର ଦଣ୍ଡପାଇ ଯାତ୍ରା କରୁଥିବାରୁ ତାର ନାମ ଦଣ୍ଡଯାତ୍ରା ବୋଲି କୁହାଯାଇଛି । ଡକ୍ଟର ବେହେରା ଏହି ଯାତ୍ରାର ନାମ ଦଣ୍ଡଯାତ୍ରା ହେବାର ଆଉ ଗୋଟିଏ କାରଣ ମଧ୍ୟ ଦେଇଛନ୍ତି । ସେ କହନ୍ତି ଯେ ଶିବଙ୍କର ପ୍ରତିଭୂ ରୂପେ ଏକ ଦଣ୍ଡ ବା ବେତକୁ ପୂଜା କରାଯାଏ । ସେଇଥିପାଇଁ ଏହାକୁ ଦଣ୍ଡଯାତ୍ରା କୁହାଯାଉଥାଇପାରେ । ଦଣ୍ଡଯାତ୍ରାରେ ବେତର ମାହାତ୍ମ୍ୟ ମଧ୍ୟ ବହୁତ ରହିଛି । ଏହିଯାତ୍ରା କାଳରେ କାହାରି କାହାରିକୁ କାଳିସି ଲାଗେ । କାଳିସିମାନେ ବେତକୁଧରି ନୃତ୍ୟ କରନ୍ତି । ଯେତେବେଳେ ଦଣ୍ଡଯାତ୍ରାରେ ଗୀତଗାନ କରାଯାଏ, ସେତେବେଳେ ଢୋଲିଆ ମହୁରି ସାଙ୍ଗରେ ତାଳଦେଇ କାଳିସି ମଧ୍ୟ ନାଚିଥାଏ । ନାଚିଲା ବେଳେ ସେ ହାତରେ ବେତଧାରଣ କରେ ଓ ବେତକୁ ହଲାଇ ନାଚେ । ଏହାବ୍ୟତୀତ ପାଟୁଆମାନେ ଉପବୀତ ଓ ବେତ ଧାରଣ କରିଥାଆନ୍ତି । ବେତକୁ ଦଣ୍ଡ କୁହାଯାଉଥିବା ଯୋଗୁଁ ତଥା କାଳିସି ଓ ପାଟୁଆମାନେ ଏହି ଦଣ୍ଡକୁ ଧାରଣ କରୁଥିବା ଯୋଗୁଁ ହୁଏତ ଏହାକୁ ଦଣ୍ଡଯାତ୍ରା କୁହାଯାଏ । ପୁଣି ଦାଣ୍ଡରେ ଯାତ୍ରା ଅନୁଷ୍ଠିତ ହେଉଥିବାରୁ ତାହାକୁ ଦଣ୍ଡଯାତ୍ରା କହିବା ମଧ୍ୟ ସମ୍ଭବ ।

ଦଣ୍ଡଯାତ୍ରାରେ ତେରପ୍ରକାର ଭକ୍ତା ଥାଆନ୍ତି ବୋଲି ଡକ୍ଟର ବେହେରା ତାଙ୍କ ପ୍ରବନ୍ଧରେ ଉଲ୍ଲେଖ କରିଛନ୍ତି । ପରବର୍ତ୍ତୀ ଆଲୋଚକମାନେ ମଧ୍ୟ ତାଙ୍କୁ ଅନୁସରଣ କରିଥିବାରୁ ସେହି ତେରପ୍ରକାର ଭକ୍ତାଙ୍କର କଥା ରଚନା କରିଛନ୍ତି । ମାତ୍ର ଉତ୍ତର ଓଡ଼ିଶାର ପାଟଯାତ୍ରାରେ ତେର ପ୍ରକାର ଭକ୍ତାଙ୍କ ସମ୍ପର୍କରେ କିଛି ସୂଚନା ମିଳେନାହିଁ । ହୁଏତ ତେର ପ୍ରକାର ପାଟ ଅନୁଷ୍ଠିତ ହୋଇପାରୁଥାଏ । ବେଳେ ବେଳେବେଳେ ତେରରୁ ଅଧିକ ଓ ବେଳେବେଳେ ତେରରୁ କମ୍ ପାଟ ମଧ୍ୟ ଅନୁଷ୍ଠିତ ହୁଏ । ଡକ୍ଟର ବେହେରା କାମନା ଘର ଓ କାମନା ଘଟକଥା ଉଲ୍ଲେଖ କରିଛନ୍ତି । ଓଡ଼ିଶାର ଯାତ୍ରା ଓ ପାରମ୍ପରିକ ଲୋକପ୍ରିୟ ନାଟ୍ୟଧାରାଗ୍ରନ୍ଥରେ ସେ କହିଛନ୍ତି ଯେ ପ୍ରଥମେ ଶିବମନ୍ଦିର ସଂଲଗ୍ନ ଏକ ଅସ୍ଥାୟୀ ଘର ତିଆରି କରାଯାଏ, ତାହା କାମନାଘର ନାମରେ ପରିଚିତ । ସେହି ଘରେ ଏକ ଜଳପୂର୍ଣ୍ଣ କାମନା ଘଟ ରୂପେ ସ୍ଥାପନ କରାଯାଇ ଦଣ୍ଡଯାତ୍ରା ଆରମ୍ଭ କରାଯାଏ ।

ଉତ୍ତର ଓଡ଼ିଶାରେ କାମନା ଘଟରେ କାମନା ଦେବୀଙ୍କୁ ପୂଜା କରାଯାଇଥାଏ । ଦଣ୍ଡଯାତ୍ରାରେ କାମନାଦେବୀଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି । କାମନା ବା କାମିନୀ ଦେବୀ ଶିବଙ୍କର ଭକ୍ତଙ୍କ ସହିତ ପଞ୍ଚରନ୍ ବା ପାଲିଙ୍କିରେ ଉଡ଼ାସ୍ଥଳକୁ ଯାତ୍ରା କରିଥାଆନ୍ତି । ଦଣ୍ଡଯାତ୍ରାରେ କାଠରେ ଏକ ପଞ୍ଚରନ୍ ବା ପାଲିଙ୍କି ନିର୍ମାଣ କରାଯାଇଥାଏ । କାନ୍ଧେଇବା ପାଇଁ ଦୁଇଖଣ୍ଡ ବାଉଁଶର ଆବଶ୍ୟକତା ପଡ଼ିଥାଏ । ଝୋଟରେ ପାଲିଙ୍କି ସହିତ ବାଉଁଶକୁ ବାନ୍ଧିଦିଆଯାଏ । ପାଲିଙ୍କିରେ ଦୁଇଗୋଟି ପଟା ଲାଗିଥାଏ । ପଟାରେ ଖାଇକରି ଦୁଇଟି ଧାରୁଆ ଖଣ୍ଡା ରଖାଯାଏ । ସେଇ ଖଣ୍ଡା ଉପରେ ଛିଡ଼ା ହୋଇ ଶିବଙ୍କର ଜଣେ ଭକ୍ତ ଉଡ଼ାସ୍ଥଳକୁ ଗମନ କରନ୍ତି । ଶିବଙ୍କର ଭକ୍ତସହିତ କାମିନୀ ଦେବୀଙ୍କର ମୂର୍ତ୍ତି ମଧ୍ୟ ଉଡ଼ାସ୍ଥଳକୁ ଯାଇଥାଏ । ପାଲିଙ୍କି ଉଡ଼ାସ୍ଥଳରେ ଅରଟିର ଚାରିପଟେ ସାତଥର ପରିକ୍ରମା

କରିସାରିବା ପରେ ତାହାକୁ ଗୋଟିଏ ମଣ୍ଡପରେ ଉଡ଼ା ଶେଷ ପର୍ଯ୍ୟନ୍ତ ସ୍ଥାପନ କରାଯାଏ। ଉଡ଼ା ଶେଷ ହେବାପରେ ମୂର୍ତ୍ତିକୁ ପୋଖରୀରେ ବିସର୍ଜନ କରାଯାଏ।

କାମନାର ଅର୍ଥ ଇଚ୍ଛା ହେଲେ ମଧ୍ୟ ଦଣ୍ଡଯାତ୍ରାର କାମନା ଦେବୀ ଇଚ୍ଛାଅର୍ଥକୁ ଗ୍ରହଣ କରନ୍ତିନାହିଁ। କାମନା ଦେବୀ ପାର୍ବତୀଙ୍କର ପ୍ରତିରୂପ। ସେ କାହିଁକି ଦଣ୍ଡଯାତ୍ରା କାଳରେ ବିରାଜମାନ କରନ୍ତି ତାର ଏକ ସୁନ୍ଦର ଲୋକକଥା ମଧ୍ୟ ରହିଛି। ସେହି ଲୋକକଥାଟି ଏହିପରି-

କାମିନୀ ଦେବୀ ଅର୍କାସୁରର କନ୍ୟା। ଅସୁର କୁଳର ସୁରକ୍ଷା ପାଇଁ ସେ ମହାଦେବଙ୍କୁ ସନ୍ତୁଷ୍ଟ କରି ବରଲାଭ କରିବାକୁ ଘୋର ତପସ୍ୟା କରିବାକୁ ଲାଗିଲେ। ଖାଦ୍ୟପାନୀୟ ବର୍ଜନ କରି ଶୀର୍ଣ୍ଣକାୟ ହେଲେ ମଧ୍ୟ ଶିବ ତାଙ୍କୁ ପ୍ରସନ୍ନ ହେଲେ ନାହିଁ। ଫଳରେ ସେ ଅଗ୍ନି ସଂଯୋଗ କରି ସେଥିରେ ଆତ୍ମାହୁତି ଦେବାକୁ ଉଦ୍ୟମ କଲେ। ପରିଶେଷରେ ଶିବ ପ୍ରସନ୍ନ ହୋଇ ତାଙ୍କର ଅଭିଳାଷ କ'ଣ ବୋଲି ପଚାରିଲେ। କାମିନୀ ଦେବୀ ଶିବଙ୍କୁ ବିବାହ କରିବାକୁ ଇଚ୍ଛା ପ୍ରକାଶ କରିବାରୁ ଶିବ ତଥାସ୍ତୁ ବୋଲି କହି ତାଙ୍କୁ ବିବାହ କରିବାକୁ ପ୍ରତିଶ୍ରୁତି ଦେଲେ। ମାତ୍ର ଏଥିରେ ପାର୍ବତୀ ବା ଅନ୍ୟ ଦେବୀମାନେ ସନ୍ତୁଷ୍ଟ ହେଲେନାହିଁ। ବିବାହ ନକରିବା ପାଇଁ ଶିବଙ୍କ ଉପରେ ଚାପ ପଡ଼ିଲେ ମଧ୍ୟ ଶିବ ନିଜ ଜିଦ୍‌ରେ ଅଟଳ ରହିଲେ। କିନ୍ତୁ ବିବାହ କରିବାପାଇଁ ଗୋଟିଏ ସର୍ତ୍ତ ରଖିଥିଲେ। ସେ କହିଲେ ଯେ ଯେଉଁ ମାସରେ ଲଗ୍ନ ନଥିବ ଓ କେହି ବିବାହ କରୁନଥିବେ ସେହି ମାସରେ ସେ କାମିନୀଙ୍କୁ ବିବାହ କରିବେ। ଚୈତ୍ର ମାସରେ କେହି ବିବାହ କରୁନଥିବାରୁ ଏହି ମାସରେ ଶିବ ଓ କାମିନୀଙ୍କର ବିବାହ ଅନୁଷ୍ଠିତ ହୋଇଥିଲା ଓ ସେହି ମାସରେ ସେ ପାଲିଙ୍କି ଆରୋହଣ କରି ଉଡ଼ାଯାତ୍ରା ସ୍ଥଳକୁ ଯାଇଥିଲେ।

ବିବାହ ପରେ ପାର୍ବତୀ କାମିନୀଙ୍କୁ କୈଳାସ ମଧ୍ୟକୁ ଯିବାକୁ ଅନୁମତି ନଦେବାରୁ ଶିବ ଠିକ୍ କରିଦେଲେ ଯେ ସେ କୈଳାସପୁରୀରେ ନରହି ଶିବ ମନ୍ଦିରର ପାଖାପାଖି ଅବସ୍ଥାନ କରିବେ। ସେଇଦିନଠାରୁ ଶିବମନ୍ଦିରର ପାଖାପାଖି ଦେବୀ ମନ୍ଦିରରେ ଗ୍ରାମଦେବତୀ ରୂପରେ କାମିନୀ ଦେବୀ ଅବସ୍ଥାନ କରନ୍ତି। ଏଣୁ ଦଣ୍ଡଯାତ୍ରା ସମୟରେ ତାଙ୍କୁ ସର୍ବଦା ସମ୍ମାନ ଦିଆଯାଇଥାଏ। ସେଇଥିପାଇଁ ଦଣ୍ଡନାଟର ଗାୟକ ଆଦ୍ୟରେ ଶିବଙ୍କୁ ବନ୍ଦନା କରିବା ସମୟରେ ଗ୍ରାମଦେତୀଙ୍କୁ ମଧ୍ୟ ବନ୍ଦନା କରିବାକୁ ଭୁଲିଯାଇନଥାଏ।

ବନ୍ଦିଲି ବନ୍ଦିଲି ଚୌଦିଗେ ବନ୍ଦିଲି
ବନ୍ଦିଲି ଅରୁଣ ଜ୍ୟୋତି
ସଞ୍ଜ ସକାଳରେ ବନ୍ଦନା କରୁଛି
ବନ୍ଦଇ ଗ୍ରାମଦେବତୀ।

ଦଣ୍ଡନାଟକାରୀ ତାର ବନ୍ଦନାପର୍ବରେ ଶିବଙ୍କୁ ଛାଡ଼ି ଅନେକ ଦେବୀଙ୍କୁ ବନ୍ଦନା କରିଥାଏ। ସେ ସମସ୍ତ ଦେବୀ ଗ୍ରାମଦେବତୀ ପର୍ଯ୍ୟାୟର ଓ ପାର୍ବତୀଙ୍କର ଅଂଶବିଶେଷ ଭାବେ ପୂଜିତ ହୋଇଥାଆନ୍ତି। କିଛିଗୀତ ଏଠାରେ ଉଦ୍ଧାର କରାଯାଉଛି।

ଜୟମା ସମାଇଚଣ୍ଡୀ
ମସ୍ତକେ କନକ କିରିଟି ମଣ୍ଡି
ମାତ ଚଣ୍ଡିକା ଲୋ, ଭୃତ୍ୟଙ୍କୁ ଦେଉ ତୁ ଭଣ୍ଡି।

ଚଣ୍ଡିକା ତୁ ଯୋଗମାୟା
ଚଣ୍ଡୀଯୁଦ୍ଧ ଦେଲୁ ବିସ୍ତାରିକାୟା
ମାତ ଅଭୟା ଲୋ, ଦୀନଜନେ କରଦୟା।
ଜୟ ମା ବୁଢ଼ୀ ବାସୁଳୀ
ଗଳାରେ ଲମ୍ବାଇ ମନ୍ଦାରମାଳୀ
ମାତ ଜନନୀ ଲୋ, ନାଚୁଥାଉ ଢଳି ଢଳି।
ବାସୁଳୀ ମାତା ପୟର
ବନ୍ଦି ଯାଉଛି ମା ନିଶିଦିନର
କରୁଣାକର ମା, ଦୟାମୟୀ ଦୟାକର।

ନଥିଲା ଯମର ଭୟ
ଦେଖିଲେ ଶମନ ହୁଏ ଅଥୟ
ମା ଭଗବତୀ ଲୋ, ଦେଖି ଡରେ ଦେବରାୟ।

ମୁଁ ଯେଉଁମାନଙ୍କଠାରୁ ଏହି ଗୀତମାନ ସଂଗ୍ରହ କରିଛି ସେମାନେ ଭକତାମାନଙ୍କ ସହିତ ମିଳିତ ହୋଇ ଗୀତ ଗାୟନ କରିଥାଆନ୍ତି। ଏବେ ମାଇକ୍‌ର ବ୍ୟବସ୍ଥା ହୋଇ ପାରୁଥିବାରୁ ସେମାନେ ମାଇକ୍ରୋଫୋନ୍ ଧରି ଗୀତଗାଇଥାଆନ୍ତି। ନିକଟରେ ଅନ୍ୟୂନ ଦୁଇଗୋଟି ଢୋଲ, ଗୋଟିଏ ତଡ଼କାବାଦ୍ୟ ଓ ଗୋଟିଏ ମହୁରି ସେମାନଙ୍କ ସହିତ ତାଳ ଦେଉଥାଆନ୍ତି। ଗୀତର ତାଳେ ତାଳେ ଭକତାମାନେ ନୃତ୍ୟ କରିବା ସଙ୍ଗେ ସଙ୍ଗେ କାଳିସୀ ମଧ୍ୟ ବେତଧରି ନୃତ୍ୟ କରୁଥାଏ।

ଦଣ୍ଡନାଟ କେଉଁପରି ଭାବରେ ଅନୁଷ୍ଠିତ ହୋଇଥାଏ, ତାହାର ଏକ ସୁନ୍ଦର ବର୍ଣ୍ଣନା ଡକ୍ଟର କୃଷ୍ଣଚରଣ ବେହେରା ଭିକାରୀ ଚରଣ

ଦାସଙ୍କ ଗୀତରୁ ଉଦ୍ଧାର କରି ତାଙ୍କ ରଚିତ ଓଡ଼ିଶାର ଯାତ୍ରା ଓ ପାରମ୍ପରିକ ଲୋକପ୍ରିୟ ନାଟ୍ୟଧାରା ଗ୍ରନ୍ଥରେ ଉଲ୍ଲେଖ କରିଛନ୍ତି। ପଞ୍ଚଦେବତାଙ୍କ ବର୍ଣ୍ଣନା, ବୀଣାକାରର ପ୍ରବେଶ, ନଗ୍ର ମଧ୍ୟରେ ବୁଲି ଗୀତ ଗାଇବା, ଢୋଲ, ଟମକ, ମହୁରୀ ଇତ୍ୟାଦି ବାଦ୍ୟର ବାଦନ ଇତ୍ୟାଦିକୁ ଗୀତ ମଧ୍ୟରେ ସୂଚିତ କରାଇଦିଆଯାଇଛି। ଏହା ବ୍ୟତୀତ ଦଣ୍ଡନାଟ ଲୋକମାନଙ୍କୁ କିପରି ଆକୃଷ୍ଟ କରେ ତାହାର ସୂଚନା ମଧ୍ୟ ପ୍ରଦାନ କରାଯାଇଛି। ଗୀତାଂଶଟି ଏହିପରି–

ପଞ୍ଚଦେବତାଙ୍କ ବନ୍ଦନା ସାରି          ଶ୍ରୀ ଜଗନ୍ନାଥଙ୍କୁ ମନେ ସୁମରି
ଅଙ୍ଗେ ସୁବେଶ ହୋଇ ବୀଣାକାର          କରେ ବୀଣାଧରି ହେଲା ବାହାର
ନିଜ ନାରୀ ଘେନି ସଙ୍ଗେ
ନଗ୍ରରେ ବୁଲିଣ ଗୀତ ଗାଇପୁଣ ନାଟକରେ ନାନାରଙ୍ଗେ।

ଢୋଲ ଟମକ ବାଜେ ଘନଘନ          ସ୍ୱର ମହୁରୀ କମ୍ପାଏ ଭୁବନ
ବନଗିରି ତରୁଲତା ସହିତେ          ଚମକି ଉଠନ୍ତି ଯେ ଯାହା ମତେ
ଦେଖନ୍ତି ସୁଜନେ ମିଳି
ନଗ୍ରମାନଙ୍କରେ ଉଛୁଳି ପଡ଼ଇ ହରିବୋଲ ହୁଳହୁଳି।

ଦଣ୍ଡନାଟରେ ଏମନ୍ତ ଚରିତ          ଖଣ୍ଡଠାରୁ ବଳି ସ୍ୱାଦୁ ସେ ଗୀତ
ଶୁଖିଲା କାଷ୍ଠ ପଲ୍ଲବିତ ହୁଏ          ନଦୀ ପୂରିଣ ଜଳ ବହିଯାଏ
ଖଗ–ମୃଗମାନେ ଶୁଣି
ଚକତିରେ ପାଦେ ଚଳି ନପାରନ୍ତି ଥକିତେ ରହନ୍ତି ପୁଣି।

ଏହି ଗୀତରେ ଦଣ୍ଡନାଟରେ କ'ଣ କ'ଣ ହୁଏ ସେ ସବୁର ସୂଚନା ଦିଆଯାଇଛି। ମାତ୍ର ଶେଷ ପଦରେ ଶୁଖିଲା କାଠ ପଲ୍ଲବିତ ହେବା କଥା ଓ ନଦୀ ପୂର୍ଣ୍ଣ ହୋଇ ଜଳ ଉତୁରି ପଡ଼ିବାର କଥା କୁହାଯାଇଛି। ଏହି ଗୀତରେ କାଠପଲ୍ଲବିତ ଓ ନଦୀ ଉତ୍‌ଫୁଲ୍ଲିତ ନହେଲେ ମଧ୍ୟ ସେ ଗୁଡ଼ିକ ଯେ ଦର୍ଶକଙ୍କୁ ଅତ୍ୟନ୍ତ ଆନନ୍ଦ ପ୍ରଦାନ କରିଥାଏ ତାହା ଉପମା ମାଧ୍ୟମରେ ପ୍ରକାଶିତ କରାଯାଇଛି।

ଦଣ୍ଡନାଟକୁ ଲୋକକବି ରଚନା କରୁଥିବାରୁ ସେଥିରେ ଏକ ନିର୍ଦ୍ଦିଷ୍ଟ ବିଷୟବସ୍ତୁ ଲକ୍ଷ୍ୟ କରିହୁଏନାହିଁ। ଗାୟକ ଆଖି ଆଗରେ ଯାତ୍ରାଦେଖେ ମନରୁ ଫାନ୍ଦି ବାନ୍ଧିଦେଇ ଗାଇଦିଏ। ଦେବଦେବୀମାନଙ୍କ ବିଷୟରେ ଗୁରୁଜନମାନଙ୍କଠାରୁ ଯାହା ଶୁଣିଥାଏ ତାକୁ ଗୀତରେ କହିଦେଲେ ଶ୍ରୋତାମାନେ ଖୁସି ହୋଇଯାଆନ୍ତି। ଗାଆଁର ପଣ୍ଡାମାନଙ୍କ ମଧ୍ୟରେ ସବୁଠାରୁ ଯିଏ ଶ୍ରେଷ୍ଠ ତାଙ୍କରି ଘରକୁ ଦେବୀ ଥରେ ଚାଲିଯାଇଥିଲେ। ତାଙ୍କ ଘରର ବୋହୂ ଭାବରେ ସେଠାରେ ଅବସ୍ଥାନ କରି ସନ୍ଧ୍ୟା ଦେବାକୁ ମଧ୍ୟ ଭୁଲିନଥିଲେ। ଏହି ଘଟଣାକୁ ନେଇ ଦଣ୍ଡନାଟର କବି କହୁଛନ୍ତି–

ଦିନେ କେଉଁକର୍ମ କଲୁ
ବଡ଼ ପଣ୍ଡାଘର ବୋହୂ ହୋଇଲୁ
ବୋହୂ ହୋଇଲୁ ଲୋ ଶଙ୍ଖ ଫୁଙ୍କି ସଞ୍ଜଦେଲୁ।

ଠିକ୍ ସେହିପରି ମାଧନନା ମନ୍ଦିର ସମ୍ମୁଖରେ ବାଡ଼ ଘେରି ଦେଇଥିବାରୁ ଦଣ୍ଡନାଟକାରୀ ଗୀତରେ କହୁଛନ୍ତି–

ମାଧନନା ସେହି ରାଗେ
ବାଡ଼ଘେରି ଦେଲା ଦେବୀଙ୍କ ଆଗେ
ଦେବୀଙ୍କ ଆଗେ ଲୋ ଦେବୀ ଗଲେ ଶୂନ୍ୟମାର୍ଗେ।

ଅନ୍ୟ ସମସ୍ତ ନାଟପରି ଦଣ୍ଡନାଟ ମଧ୍ୟ ଦୁଇପ୍ରକାରର ପରିବେଷଣ କରାଯାଇଥାଏ। ଗୋଟିଏ ହେଲା ସାଧାରଣ ଭାବରେ ସମସାମୟିକ କଥାବସ୍ତୁକୁ ବିଷୟବସ୍ତୁ କରି ଦଣ୍ଡନାଟକାରୀ ତାର ନାଟକ ପରିବେଷଣ କରିଥାଏ। ଅନ୍ୟ ପ୍ରକାରର ଦଣ୍ଡନାଟଟି ରାତି ରାତି ପରିବେଷିତ ହୋଇଥାଏ। କାରଣ ସେଥିରେ ଗାୟକ ପୌରାଣିକ ବିଷୟବସ୍ତୁକୁ ସ୍ଥାନିତ କରିଦେଇପାରେ। ବେଳେବେଳେ ଦଣ୍ଡନାଟ ମଧ୍ୟକୁ ଚଢ଼େଇୟା, ଚଢ଼େଇୟାଣୀ, କେଳାତାମସା ଓ ସଉରା–ସଉରାଣୀ ପ୍ରଭୃତି ନାଟ୍ୟାଭିନୟମାନ ପଶି ଆସିଥାଏ। ଉତ୍ତର ଓଡ଼ିଶାରେ ଚଢ଼େଇୟା ଚଢ଼େଇୟାଣୀ ଓ କେଳା ତାମସାର ବହୁଳ ବ୍ୟବହାର ରହିଥିବାରୁ ଦଣ୍ଡନାଟ ମଧ୍ୟକୁ ଏହା ପ୍ରବେଶ କରିଯିବା ସ୍ୱାଭାବିକ।

ବୀଣାକାର ବା ମଉସା ଚରିତ୍ରଟି ନାଟକକୁ ଗତିଶୀଳ କରାଇଥାଏ। ତେଣୁ ନାଟକରେ ଏହି ଚରିତ୍ରର ପ୍ରୟୋଗ ଅତ୍ୟନ୍ତ ଜରୁରୀ। ଉତ୍ତର ଓଡ଼ିଶାର ଦଣ୍ଡନାଟରେ ଯେତେବେଳେ ଚଢ଼େଇୟା ଚଢ଼େଇୟାଣୀ ପ୍ରସଙ୍ଗ ଉତ୍‌ଥାପିତ ହୁଏ, ସେତେବେଳେ ମଉସାଙ୍କ ସହିତ ଚଢ଼େଇୟା ଚଢ଼େଇୟାଣୀ ମଞ୍ଚକୁ ପ୍ରବେଶ କରନ୍ତି। ଆଞ୍ଚଳିକ ଦେବଦେବୀମାନଙ୍କୁ ବନ୍ଦନାକରି ସେମାନେ ଅଭିନୟ ଆରମ୍ଭ କରନ୍ତି। ଉତ୍ତର ଓଡ଼ିଶାର ଚଢ଼େଇୟା ଗୀତରେ ଆଞ୍ଚଳିକ ଦେବଦେବୀ କିପରି ପ୍ରତିବିମ୍ବିତ ହୋଇଛନ୍ତି ଦେଖାଯାଉ–

ପ୍ରଥମେ ବନ୍ଦିଲି ମାତ ଦେବୀ ଭଦ୍ରକାଳୀ
ଭୋଗରାଇରେ ବନ୍ଦିଲି ଜନନୀ ବାସୁଳୀ
ଦାଣ୍ଡକାଳୀ ବନ୍ଦିଲି ମୁଁ ଖଣତାପଡ଼ାରେ
ଭୂଧରଚଣ୍ଡୀ ବନ୍ଦିଲି ସଜନାଗଡ଼ରେ

ରାଇବଣିଆରେ ବନ୍ଦେ କୀଚକଈଶ୍ୱରୀ
ଲକ୍ଷ୍ମଣନାଥରେ ବନ୍ଦେ ଶ୍ୟାମା ମାହେଶ୍ୱରୀ
ରାମଚଣ୍ଡୀ ବନ୍ଦିଲି ମୁଁ ରେମୁଣାଗ୍ରାମରେ
ଭଗବତୀ ବନ୍ଦିଲି କମାରଗଡ଼ିଆରେ ।

ତାପରେ ଚଢ଼େୟା ଚଢ଼େୟାଣୀଙ୍କ ଗୀତ, ଚଢ଼ାଉତାର, ବିବାହ କଥା, ପ୍ରଶ୍ନୋତ୍ତରୀ ଇତ୍ୟାଦି ପର୍ଯ୍ୟାୟକ୍ରମେ ଅନୁଷ୍ଠିତ ହୋଇଥାଏ । କେଳା ଓ କେଲୁଣୀ କଥା ସହିତ ଚଢେୟା ଚଢ଼େଣଈ କଥାର ବିଶେଷ ପାର୍ଥକ୍ୟ ଦେଖାଯାଏ ନାହିଁ । ଉତ୍ତର ଓଡ଼ିଶାରେ କେଳାତାମସା ବହୁଭାବରେ ଆଦୃତ । ଡକ୍ଟର କୃଷ୍ଣଚରଣ ବେହେରା ତାଙ୍କ ପ୍ରବନ୍ଧରେ କବିରତ୍ନ ଭିକାରୀଚରଣ ଦାସଙ୍କଦ୍ୱାରା ରଚିତ କେଳାଗୀତରୁ କିଛି ଅଂଶ ଉଦ୍ଧାର କରିଛନ୍ତି । ସେଥିରୁ ଥିବା ପ୍ରଶ୍ନୋତ୍ତର ଗୀତ ଏହିପରି-

ପ୍ର- ଶୁଣ ଆରେ କେଳାଭାଇ
ଯାହା ପଚାରୁଛି କହିବୁ ତୁହିରେ
ସନ୍ଦେହ ନଥିବ ଯହିଁ କିକେଳାରେ ।
ଉ- ସ୍ଥିରମନେ ଶୁଣଭାଇ
କେଳାଜନ୍ମ ଯେବେ ପୁଛିଲୁ ତୁହିରେ
ସବୁ କହୁଛି ବୁଝାଇ କି ଭାଇରେ ।
ପ୍ର- କାହିଁରୁ ତୁ ଜନ୍ମ ହେଲୁ
କାହାକୁ ପ୍ରଥମେ ଗୁରୁ କରିଲୁରେ
କେଉଁ ମନ୍ତ୍ର ଦୀକ୍ଷା ନେଲୁ କି କେଳାରେ ।
ଉ- ପର୍ଶୁରାମ ଅଂଶେ ଜାତ
କ୍ଷତ୍ରୀୟ ପଣେ ମୁଁ ଅଟେ ପ୍ରଶସ୍ତରେ
ଜାଣଇ ବିଦ୍ୟା ବହୁତ କି ଭାଇରେ ।
ପ୍ର- କେଉଁ ବ୍ୟବସାୟ କରି
ଅଛୁଏ ସଂସାରେ ଜୀବନ ଧରିରେ
କି ନାମ ଅଟେ ତୋହରି କି କେଳାରେ ।
ଉ- ମାଲ ବିନ୍ଧାଣ ଯେ କୁସ୍ତି
ଶୂନ୍ୟ ଚିରା ବାଡ଼ି ଧରା ପ୍ରଭୃତିରେ
ମୋ ମନ କେହି ନାହାନ୍ତି କି ଭାଇରେ ।

ବାଲେଶ୍ୱର ଜିଲ୍ଲାରେ କେଳା ଏକୁଟିଆ ପ୍ରଥମେ ମଞ୍ଚକୁ ଆସିଥାଏ । ମଞ୍ଚକୁ ଆସି ପ୍ରଥମେ ସେ ଦେବତାମାନଙ୍କର ବନ୍ଦନା କରେ ।

ବନ୍ଦଇ ଶ୍ରୀ ନୀଳାଞ୍ଚଳ
ଆବର ବନ୍ଦଇ ବଡ଼ଦେଉଳ
ସୁଜନେ ହୋ
ଏବେ ବନ୍ଦେ ମହାନଦୀ ଜଳ ।

ବନ୍ଦନା କରିସାରିବା ପରେ କେଳା ନିଜର ପରିଚୟ ପ୍ରଦାନ କରେ । ସେ ଜାତିରେ କେଳା ଓ ତାର ଘର ନାଗପୁର ମହଙ୍ଗା ଦେଶରେ । ତାର ନାମ ସମ୍ଭୁ ଦାସ । ବାପାଙ୍କର ନାମ ଜଗାଗୁରୁ । ସ୍ତ୍ରୀର ନାମ ଲକ୍ଷୀ । ପୁଅର ନାମ ରାଘେବା । ସମ୍ଭୁ, ଲକ୍ଷୀ ଓ ରାଘେବାଙ୍କ ସହିତ ତାଙ୍କ ପରିବାରରେ ଝିଅ ଓ ବୋହୂକୁ ମିଶାଇ ପାଞ୍ଚଜଣ ରହନ୍ତି । ରାଘେବା ଚଢ଼େଇମାରି ତାକୁ ବିକି କିଣି ପରିବାର ଚଳାଏ । ସମ୍ଭୁର ଜୀବିକା ନଳ । ଲକ୍ଷୀ ଚିତାକୁଟାଏ । ଦୁର୍ଭିକ୍ଷ ପଡ଼ିବାରୁ ସେମାନେ ଦେଶାନ୍ତରୀ ହୋଇ ବାଲିଅନ୍ତାରେ ବସବାସ କରୁଥିଲେ । ସମ୍ଭୁ ଚଢ଼ାଇ ମାରିବାକୁ ଯାଇଥିବା ବେଳେ ଲକ୍ଷୀ ଏକୁଟିଆ ଘରେ ଥିବା ଅବସ୍ଥାରେ ତାକୁ କିଏ ଚୋରି କରିନେଇଗଲା । ସମ୍ଭୁ ଲକ୍ଷୀକୁ ଖୋଜି ଖୋଜି ବୁଲୁଛି । ସମ୍ଭୁ କେଳା ଉପସ୍ଥିତ ଜନତାଙ୍କୁ ପଚାରେ ତାର କେଲୁଣୀକୁ କେହି ଦେଖିଛନ୍ତି କି ବୋଲି । ସହଜରେ ଚିହ୍ନିବା ପାଇଁ ସେ କେଲୁଣୀର ରୂପ, ଗୁଣ ଓ ବେଶ ବର୍ଣ୍ଣନା କରେ ।

ଏଠାରେ ଆରମ୍ଭ ହୁଏ ମୂଳକ ଫେରି । ମୂଳକ ଫେରିରେ ପୁରୀଠାରୁ ଆରମ୍ଭ କରି ସୋର ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନ ସମ୍ପର୍କରେ ସୂଚନା ପ୍ରଦାନ କରାଯାଏ । କେଳା କେଲୁଣୀକୁ ଖୋଜିବାପାଇଁ ପୁରୀର ବିଭିନ୍ନ ସ୍ଥାନ, ଖୋର୍ଦ୍ଧା, ଗଞ୍ଜାମ, ମାଡ୍ରାସ, ଲଙ୍କା, ଦ୍ୱାରିକା, ପଞ୍ଚବୃକ୍ଷ, ମାଲ୍ୟବନ୍ତ, ଅଯୋଧା, କାଶୀ, ବାରଣାସୀ, ହରିଦ୍ୱାର, ବଦ୍ରିନାରାୟଣ, ନେପାଳ, ବୃନ୍ଦାବନ, ବଦ୍ରିନାଥ, କଲିକତା, ବାଲେଶ୍ୱର, ରେମୁଣା, ନୀଳଗିରି, ସୋର ଇତ୍ୟାଦି ସ୍ଥାନ ବୁଲି ଆସିଛି ବୋଲି କହେ । କେଳାର ସ୍ଥାନ ସମ୍ପର୍କୀୟ ସୂଚନା ଅତ୍ୟନ୍ତ ଚିତ୍ତାକର୍ଷକ ହୋଇଥାଏ ।

କେଲୁଣୀକୁ କେଳା ଉଚ୍ଚସ୍ୱରରେ ଡାକି କହେ-
ଏସ ରାଘବର ମାଏଗୋ କୁଥାଏ ଲୋକେ ଆଛ
ତର ଲାଗି ପରାନ ଗେଲ ଆମି ଖାବ ବିଷ
କେଳାର ଡାକରେ କେଲୁଣି ମଞ୍ଚକୁ ପ୍ରବେଶ କରେ । କହେ-
ଏସ ରାଘବର ମାୟେ ବୋଲି ଅତରାତ୍ରେ କେ ଡାକେଛେ
ଆମି ନାରୀ ଆଦୋଷକାରୀ କାହାର ବୁପାର କି ଖାୟାଛେ ।

କେଲୁଣୀ ନିଜର ପରିଚୟ ଦିଏ ଓ ସଜ୍ଜନମାନଙ୍କଠାରୁ ଭିକ୍ଷା ପ୍ରାର୍ଥନା କରେ । ସେ କେଳାର ରୂପ ବର୍ଣ୍ଣନା କରେ ଓ ଚିତାକୁଟା ଗୀତ ଗାଇ ତାଠାରୁ ଚିତା କୁଟାଇବାକୁ ମାଆ ଓ ମାଉସୀମାନଙ୍କୁ ଅନୁରୋଧ କରେ ।

କେଳା ସହ କେଲୁଣୀର ସାକ୍ଷାତ ହୋଇଯାଏ। କେଳା କେଲୁଣୀକୁ ଅସତୀ ବୋଲି କହି ଗାଳିଦିଏ। କେଲୁଣୀ କେଳାକୁ ବୁଝାଇ କହେ ଯେ ସେ ବାଟବଣା ହୋଇ ବାପଘରକୁ ଚାଲିଯାଇଥିଲା। କେଳା ତା କଥା ନ ଶୁଣି ପୁଣି ଗାଳିଦିଏ। ଉଭୟ ଝଗଡ଼ା ଲାଗନ୍ତି। ଶେଷରେ କେଳା କହେ, ମୁଁ ତତେ ହାତଧରି ବିଭା ହୋଇଥିଲି। ଏବେ ଚାଲ, ଘରକୁଯିବା। କେଲୁଣୀ ଯିବାକୁ ରାଜି ହୁଏନାହିଁ। କହେ-

ତୁ ଯଦି ମୋହର ବରରେ ଶବର କାଶିରେ ମାରିଥା ମଥା
ଯଦି ତୁହି ମୋତେ ବିଭା ହୋଇଅଛୁ କହ ବିଭାଘର କଥା
କହ ମୋତେ ବୁଝାଇ
ନ କହିଲେ ତୁ ଯାଆ ପଳାଇ।

କେଳା ବିଭାଘରର ବ୍ୟବସ୍ଥା କହେ। ମାତ୍ର କେଲୁଣୀ ସେଥିରେ ସନ୍ତୁଷ୍ଟ ନହୋଇ ବାରମ୍ବାର ବହୁ ଜଟିଳ ପ୍ରଶ୍ନ ପଚାରେ। ଏହି ପ୍ରଶ୍ନ ଉତ୍ତର କାର୍ଯ୍ୟକ୍ରମ ହିଁ ମୁଖ୍ୟ ବିଷୟବସ୍ତୁ। କେଲୁଣୀ ନିଜ ଇଚ୍ଛା ଅନୁଯାୟୀ ଯେ କୌଣସି ପ୍ରଶ୍ନ ପଚାରିପାରେ। ସେହିପ୍ରଶ୍ନ ରାମାୟଣ, ମହାଭାରତ ଓ ପୁରାଣର ବିଷୟବସ୍ତୁ ହୋଇପାରେ। ଉତ୍ତର ଦେଉ ଦେଉ ରାତିପରେ ରାତି ବିତିଯାଇପାରେ। କେଲୁଣି ଡାକେ ତାର ବୋହୂକୁ। 'ଲୋ ଦାସ ଝିଅ ଆସିବୁଟି। ସଭାରେ ତୋର ଶ୍ୱଶୁର ମୋର ଅଣ୍ଟି ଫିଟାଇଦେଲାଣି। ଆମେ ଦୁଇଜଣ ମିଶି ତାର ମହତ ସାରିଦେବା।' ବୋହୂ ନିଜକଥା କହି କହି ସଭାରେ ପ୍ରବେଶ କରେ। କେଳା ଡାକେ ତାର ପୁଅ ରାଘେବାକୁ। ରାଘେବା ନିଜ କଥା କହି କହି ସଭାରେ ପ୍ରବେଶ କରେ। ବାପ ପୁଅ ଓ ଶାଶୂବୋହୂ ଅଲଗା ଅଲଗା ହୋଇଯାଆନ୍ତି। କେଳା ପ୍ରଶ୍ନକରେ କେଲୁଣୀକୁ ତାର ଜନ୍ମ ବୃତାନ୍ତ କହିବା ପାଇଁ। କେଲୁଣୀ ଉତ୍ତର ଦିଏ। ପୁରାଣ ରାମାୟଣ, ମହାଭାରତ ପ୍ରଶ୍ନର ବି ଉତ୍ତର ଦିଏ। ଉତ୍ତର ଦେଉ ଦେଉ ରାତିପାହିଯାଏ। ପରିଶେଷରେ ମିଳନ ହୁଏ। ଦଣ୍ଡନାଟ ଶେଷ ହୁଏ।

ଅନ୍ୟ ସବୁ ନାଟଠାରୁ ଦଣ୍ଡନାଟର ଫରକ ଏଇଥିପାଇଁ ଯେ ଏହି ନାଟରେ ଦେବଦେବୀ ପୂଜା ଯୋଡ଼ି ହୋଇଥାଏ। ଦଣ୍ଡନାଟ ଆରମ୍ଭ ହେବା ପୂର୍ବରୁ ଶିବମନ୍ଦିରରେ ମାଜଣା ହୋଇଥାଏ। ଶିବଙ୍କ ସହିତ ଗ୍ରାମରେ ଥିବା ଗ୍ରାମଦେବତୀମାନେ ଦାସୀ ବା କାଳିସି ଲାଗନ୍ତି। ମହାଦେବ, ଚଣ୍ଡୀ, ବାସେଳୀ, କାଳିକା, ଅନ୍ଧାରି ମଙ୍ଗଳା, ସର୍ବ ମଙ୍ଗଳା, ଥାନମାତା, ଟାପରାଶୁଣୀ ଆଦି ଦେବଦେବୀମାନେ ତାଙ୍କର ଭକ୍ତଙ୍କ ଉପରେ ବିଶ୍ରାମ ଦିଅନ୍ତି। ଏହି ଦାସୀମାନେ, ଦଣ୍ଡନାଟର ଗୀତ ସହିତ ଅନେକ ସମୟରେ ନୃତ୍ୟ କରିଥାଆନ୍ତି।

ଏହି ସମୟରେ ବିଭିନ୍ନ ପାଟମାନ ପ୍ରସ୍ତୁତ କରାଯାଇଥାଏ। ପ୍ରତ୍ୟେକ ପାଟପାଇଁ ଦଣ୍ଡନାଟରେ ବିଭିନ୍ନ ଗୀତ ରହିଛି। ଯେମିତି ଉଡ଼ା ପାଟରେ ଅଛି-

ଅରଟି ଉପରେ ଖାଇ
ସତେ ଭୋଳାନାଥ ନେବେ ଉଡ଼ାଇ
ବାହାଲରେ ବାନ୍ଧି ଦେଇ।

ଦଣ୍ଡଯାତ୍ରା ନଅଦିନ, ଏଗାରଦିନ, ତେରଦିନ, ପନ୍ଦରଦିନ କିମ୍ବା ତତୋଧିକ ଅଯୁଗ୍ମ ଦିନ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥାଏ। ଯାତ୍ରାର ଦ୍ୱିତୀୟ ଦିବସଠାରୁ ଦାସୀ, ଭକତା, ଢୋଲିଆ ଓ ଦେହୁରି ଗ୍ରାମଭ୍ରମଣ କରନ୍ତି। ସେମାନଙ୍କ ସହ କାଳିକା ଦାସୀ ବାସେଳୀ ଘଟକୁ ମୁଣ୍ଡରେ ବୋହି ନୃତ୍ୟକରେ। କାଳିକାଘଟ ଦେଉରି ନିର୍ମାଣ କରେ। କାଳୀକା ଦାସୀ ଗୋଟିଏ ଶାଢ଼ୀକୁ ସୁସଜ୍ଜିତ କରିପିନ୍ଧେ। ତାଙ୍କର ମୁଣ୍ଡରେ ଘଟ ବସାଇ ଦେଉରି ବାନ୍ଧିଦିଏ। ଭକତାମାନେ ନାଚି ନାଚି ଗୀତ ଗାଆନ୍ତି-

ନମୋ ପ୍ରଭୁ ସିଦ୍ଧିଦାତା
ଉପରେ ବନ୍ଦଇ ଧର୍ମଦେବତା
ଧର୍ମ ଦେବତା ତଳେ ବନ୍ଦେ ବସୁମାତା।
ପାତାଳେ ବନ୍ଦେ ବାସୁକୀ
ନୀଳାଞ୍ଚଳେ ପ୍ରଭୁ ସେ ଚକାଆଖି
ତିନି ମୂର୍ତ୍ତିକି ବନ୍ଦେ କୈଳାସ ପିନାକୀ।

ଦଣ୍ଡନାଟ ଏକ ଏକକ ଅନୁଷ୍ଠାନ ନୁହେଁ। ଭକତା ଓ ଭକ୍ତମାନଙ୍କର ମନୋରଞ୍ଜନ କରିବାପାଇଁ ଏହା ଉଦ୍ଦିଷ୍ଟ ହୋଇଥିବାରୁ ଏକ ପ୍ରକାର ଗୀତ ଗାନ କରାଯାଇ ଏହା ପରିବେଷଣ କରାଯାଏନାହିଁ। ସାଧାରଣତଃ ଗ୍ରାମଦାଣ୍ଡରେ ଦଣ୍ଡନାଟ ପରିବେଷିତ ହୋଇଥାଏ। କେତେବେଳେ ଶିବପାର୍ବତୀ ସ୍ୱତନ୍ତ୍ର ବେଶ ଧାରଣ କରି ମଞ୍ଚ ମଧ୍ୟରେ ଉପସ୍ଥିତ ହୁଅନ୍ତି ତ କେତେବେଳେ ସଉରା-ସଉରୁଣୀ, ଚଢ଼ିୟା, ଚଢ଼େୟାଣୀ, କେଳା-କେଲୁଣୀ ଆଦି ଲୋକମାନଙ୍କର ମନୋରଂଜନ ପାଇଁ ମଞ୍ଚାସୀନ ହୋଇଥାଆନ୍ତି। ପୁରାଣ, ରାମାୟଣ ଓ ମହାଭାରତର କାହାଣୀ ଦଣ୍ଡନାଟରେ ଯୋଡ଼ି ହୋଇଗଲେ ଅନୁଷ୍ଠାନଟି ଦୀର୍ଘରୁ ଦୀର୍ଘତର ହୋଇଯାଏ। ଦେବାଦେବୀଙ୍କ ପୂଜାସହ ଏହି ନାଟ ଯୋଡ଼ିହୋଇ ଯିବାଯୋଗୁଁ ଲୋକମାନଙ୍କର ଏହି ଯାତ୍ରାସହ ଅନ୍ତରଙ୍ଗତା ଆସିଯାଏ। ଏହି ଯାତ୍ରାକୁ ନାଟକର ଏକ ପର୍ଯ୍ୟାୟ ବୋଲି କୁହାଯାଇଥାଏ। ନାଟକର ବିବର୍ତ୍ତନରେ ଏହାର ମୁଖ୍ୟ ଭୂମିକାଟିଏ ରହିଛି।

ନାଗେଶ୍ୱରପଲ୍ଲୀ, ଆଲୁପୁର, ତାମୁଲିଆ ରୋଡ଼, ବାଲେଶ୍ୱର-୭୫୬୦୦୧

•••

# କଳା ଓ ଚିତ୍ରକଳା

ନିକୁଞ୍ଜ ବିହାରୀ ଦାସ

ଜଗତ ଓ ଜୀବନର ଭାବ ଓ ରୂପକୁ ଭାଷା, ରେଖା, ସୁର, ରଙ୍ଗ ଓ ଅଙ୍ଗଭଙ୍ଗୀ ସାହାଯ୍ୟରେ ପ୍ରକାଶ କରିବାର କର୍ମ ହିଁ 'କଳା'। ରଙ୍ଗ ଓ ରେଖାରେ, ଶବ୍ଦ ଓ ବାକ୍ୟରେ ଅଙ୍କିତ ହୋଇଥିବା ରୂପ ହିଁ 'କଳା'। ଅସୀମ ଓ ସସୀମ, ଦୃଶ୍ୟମାନ ଓ ଅଦୃଶ୍ୟମାନ ସତ୍ତାମୟ ବିଶ୍ୱର ରସସିକ୍ତ ଚିନ୍ତନ ଓ ଅଙ୍କନ ହେଉଛି 'କଳା'। ଏହା ମାନବୀୟ ସୂକ୍ଷ୍ମ ଚେତନାର ସ୍ୱତଃସ୍ଫୁର୍ତ୍ତ ସ୍ଫୁରଣ। ପୂର୍ଣ ଜ୍ଞାନ ତଥା ପୂର୍ଣତା ପ୍ରତି ଆକର୍ଷଣ, ଆତ୍ମବିଶ୍ଳେଷଣ କରିବାର ଆକାଂକ୍ଷା ଏବଂ ଆତ୍ମଜିଜ୍ଞାସାରୁ ଏହାର ସୃଷ୍ଟି, ଯାହା 'ଅନ୍ତଃ' ଏବଂ 'ବାହ୍ୟ'ର ସାର୍ବଜନୀନ ଆବେଦନକୁ ବହନ କରିଥାଏ। ଏହା ଜୀବନର ଅପୂର୍ଣ ସତ୍ତା ସହିତ ପରିଚିତ କରାଇଦିଏ ଏବଂ ପୂର୍ଣତା ଆଡ଼କୁ ଅଗ୍ରସର କରାଏ। ଜଡ଼ରେ ଚେତନା ଆରୋପଣ ଭାବରେ ଭାବମୟ ସ୍ପନ୍ଦନ, ବସ୍ତୁରେ ବିଶ୍ୱରୂପର କଳ୍ପନା ଓ ଦର୍ଶନ କରାଇବାର ଏହାର ଧର୍ମ ଓ ତେଣୁ ସତ୍ୟ ଓ ସୌନ୍ଦର୍ଯ୍ୟର ସୃଜନମୟ ପରିପ୍ରକାଶର ଅନ୍ୟନାମ ହେଉଛି 'କଳା'।

ବ୍ୟବହାର ଓ ପ୍ରୟୋଗ ଭେଦରେ 'କଳା'କୁ ୩ଟି ଭାଗରେ ବିଭକ୍ତ କରାଯାଇପାରେ। ଯଥା – ଦର୍ଶନ କଳା (Visual Art), ପ୍ରଦର୍ଶନ କଳା (Perforing Art), ସାରସ୍ୱତ କଳା (Literacy Art)। ଚିତ୍ରକଳା, ସ୍ଥାପତ୍ୟ, ଭାସ୍କର୍ଯ୍ୟ ଦର୍ଶନ କଳାର ଅନ୍ତର୍ଭୁକ୍ତ। କାଗଜ, ତୂଳୀ, ବିଭିନ୍ନ ରଙ୍ଗ ଚିତ୍ରକଳାର ବାହ୍ୟ ଆଧାର ହେଲାବେଳେ ମୃତ୍ତିକା, ପ୍ରସ୍ତର, କାଷ୍ଠ, ବସ୍ତୁକଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ବାହ୍ୟ ଉପାଦାନ। ଏହି ସ୍ଥୁଳ ଆଧାର ଉପରେ ଆଶ୍ରିତ 'କଳା' କଳାକାରର ସୂକ୍ଷ୍ମ ଚେତନା ଓ ସୌନ୍ଦର୍ଯ୍ୟବୋଧର ଅଭିବ୍ୟକ୍ତି ମାତ୍ର। କଳାକାର ସୂକ୍ଷ୍ମ ପ୍ରକୃତିର ଗୋପନ ସତ୍ୟକୁ ଉଦ୍‌ଘାଟିତ କରି ଅନ୍ତଃ ତଥା ବାହ୍ୟ ସୌନ୍ଦର୍ଯ୍ୟକୁ ରୂପ ପ୍ରଦାନ କରିଥାଏ। ଆନନ୍ଦ, ଚେତନା, ସୌନ୍ଦର୍ଯ୍ୟ, ସତ୍ୟ ଓ ଆଦର୍ଶ – ଏହି ପାଞ୍ଚଟିକୁ କଳାର ମୌଳିକ ପ୍ରେରଣା କୁହାଯାଏ ଓ ସୌନ୍ଦର୍ଯ୍ୟ ଚେତନା ହିଁ ଏହି ମୌଳିକ ପ୍ରେରଣା ଗୁଡ଼ିକ ମଧ୍ୟରୁ ସବୁଠାରୁ ଶ୍ରେଷ୍ଠତମ ବିଭବ।

ସୌନ୍ଦର୍ଯ୍ୟ, କଳାର ଏକ ପ୍ରେରିତ ତତ୍ତ୍ୱ । ଏହା ସମାନୁପାତିକ, ସ୍ୱାଭାବିକ, ଆହ୍ଲାଦପ୍ରଦ ଓ ଆକର୍ଷଣୀୟ । ଯେଉଁ କଳାରେ ରୂପ, ରଙ୍ଗ, ରସର ମାତ୍ରା ଯେତେ ଅଧିକ ଭାବେ ବିକଶିତ, ସେହି କଳା ସେତିକି ସୁନ୍ଦର ଓ ସେତିକି ଚିତ୍ତାକର୍ଷକ । ତେଣୁ କଳାର ଉତ୍‌କର୍ଷ ପାଇଁ ସୌନ୍ଦର୍ଯ୍ୟ ଜ୍ଞାନ ଆହରଣ ଆବଶ୍ୟକ।

କଳାସୃଷ୍ଟିର ଅଧିକାରୀ ହିଁ କଳାକାର, ଶିଳ୍ପୀ; ଯିଏ ସୌନ୍ଦର୍ଯ୍ୟର ଉପାସକ, ଉଦ୍‌ଘାଟକ ଓ ଉଦ୍‌ବୋଧକ । କାରଣ ମାନସିକ ଦୃଷ୍ଟିଭଙ୍ଗୀରେ ସୌନ୍ଦର୍ଯ୍ୟ ଚେତନା ଭରପୁର ଥାଏ। ଏହି ସୌନ୍ଦର୍ଯ୍ୟ ଚେତନା ହିଁ ଜଣେ କଳାକାର ବା ଶିଳ୍ପୀକୁ ସୃଜନଶୀଳ କ୍ଷମତା ପ୍ରଦାନ କରିଥାଏ। ଅନୁଭୂତି, ଜିଜ୍ଞାସା, ଅଭିଳାଷ ତା'ର ପ୍ରତିଟି କଳାକର୍ମର ମୂଳଭିତ୍ତି। କଳାରେ ଯୁଗ ଚେତନାର ପ୍ରଭାବ ସ୍ପଷ୍ଟ। ପ୍ରତ୍ୟେକ ଯୁଗରେ ସୃଷ୍ଟ କଳାକୃତି ସେଇ ସମୟର ପ୍ରଜ୍ଞା ଓ ପ୍ରେରଣାରେ ଅନୁପ୍ରେରିତ ହୋଇଥାଏ। ତେଣୁ ଗୋଟାଏ ଦେଶ ଓ ଜାତିର ଏକମାତ୍ର ବିଶ୍ୱାସନିଷ୍ଠ ଉପାଦାନ ହେଉଛି ସେ ଜାତିର ଚିତ୍ରକଳା, ସ୍ଥାପତ୍ୟ ଓ ଭାସ୍କର୍ଯ୍ୟ। ପ୍ରାକ୍ ଐତିହାସିକ ଯୁଗର ଘଟଣା ବହୁଳ ଅତୀତ ବିଭବ ଆଜି କେବଳ ପାହାଡ଼ ଗୁମ୍ଫା ଓ ପ୍ରତ୍ନତତ୍ତ୍ୱିକ ଭୂଖନନ ଦ୍ୱାରା ଆବିଷ୍କୃତ କଳାକୃତିରୁ ହିଁ ନିରୂପିତ ହୋଇପାରିଛି।

ପ୍ରାଗ୍ ଐତିହାସିକ କାଳରୁ ମଣିଷ ଜୀବନଧାରାର କ୍ରମ ବିବର୍ତ୍ତନ ଚାଲିଛି। ଏହା ସହିତ ତା'ର ସଭ୍ୟତା, ସଂସ୍କୃତି ଓ କଳାର ନୂଆନୂଆ ପର୍ଯ୍ୟାୟ ଉଦ୍‌ଘାଟିତ ହେଉଛି। ଆଦିମମାନବ ଠାରୁ ଆଧୁନିକ ମାନବ ପର୍ଯ୍ୟନ୍ତ ସଂଘଟିତ ହୋଇଥିବା ଜୀବନ ଧାରାର ଇତିହାସ ନ ଜାଣିଲେ 'କଳା'ର ଇତିହାସ ଜାଣିବା ସମ୍ଭବପର ନୁହେଁ। କାରଣ 'କଳା' ହିଁ ଜୀବନର ପ୍ରତିଫଳନ। ଜୀବନ ଓ କଳା ସମାନ୍ତରାଳ ଭାବରେ ଆଦିକାଳରୁ ଗତିଶୀଳ। ତେଣୁ କଳାର ଇତିହାସ ହେଉଛି ମଣିଷ ଜାତିର ଇତିହାସ ।

'କଳା'ର ବିଭିନ୍ନ ବିଭାବ ମଧ୍ୟରେ ଚିତ୍ରକଳା ହିଁ ସବୁଠାରୁ ସୂକ୍ଷ୍ମ ତଥା ମଣିଷର ଆଦ୍ୟତମ ପ୍ରୟାସ। ଚିତ୍ର ସାଧାରଣତଃ ତିନୋଟି ପର୍ଯ୍ୟାୟରେ ଅନ୍ତର୍ଭୁକ୍ତ, ଯଥା ଦୃଶ୍ୟଚିତ୍ର, ଶବ୍ଦଚିତ୍ର ଓ ବାକ୍ୟ (ଧ୍ୱନି ବା ଶ୍ରାବ୍ୟ)। ଚିତ୍ରକଳା ଏଥିମଧ୍ୟରୁ ଦୃଶ୍ୟଚିତ୍ରର ଅନ୍ତର୍ଭୁକ୍ତ ଯାହା ମୋଟାମୋଟି ତିନିଭାଗରେ ବିଭକ୍ତ – ଭିତ୍ତିଚିତ୍ର, ଧୂଳିଚିତ୍ର ଓ ପଟଚିତ୍ର। ବର୍ତ୍ତମାନ ଚିତ୍ର ଶବ୍ଦ ବ୍ୟାପକ ଅର୍ଥରେ ବ୍ୟବହୃତ। ଚିତ୍ରକଳାର ବିବର୍ତ୍ତନ ମଧ୍ୟରେ ଏହି କଳାକର୍ମର ବହୁବିଧ ବିସ୍ତାରିତ।

## ଆଦିବାମନବର କାଳ ଓ କଳା

ପୃଥିବୀରେ ଆଦିମାନବର ଆବିର୍ଭାବ ଆଜକୁ ପ୍ରାୟ ଲକ୍ଷଲକ୍ଷ ବର୍ଷ ତଳେ ହୋଇଛି। ଏହି ମନୁଷ୍ୟ ଜାତିର ଉଦ୍ଭବ ପୂର୍ବରୁ ଭୂପୃଷ୍ଠର ଗଠନରେ ବହୁବିଧ ପରିବର୍ତ୍ତନ ଘଟିଥିଲା । ବିଭିନ୍ନ ଜାତିର ଉଦ୍ଭିଦ

ତଥା ଜୀବଜନ୍ତୁମାନଙ୍କର ଅଭ୍ୟୁଦୟ ହୋଇଥିଲା । ଭୂତତ୍ତ୍ୱବିତ୍‌ମାନେ ପୃଥିବୀର ଆଦିକାଳରୁ ବିଭିନ୍ନ ପର୍ଯ୍ୟାୟକୁ ବିଭିନ୍ନ ନାମରେ ନାମିତ କରିଛନ୍ତି ଯଥା କାମ୍ବ୍ରିଆନ୍ (Cambrian), ଆର୍ଡ୍ରୋଭିସିଆନ୍ (Ordovician), ସିଲୁରିଆନ୍ (Silurian), ପ୍ଲିଷ୍ଟୋସିନ୍ (Pleistocene) ଏବଂ ହାଲୋସିନ୍ (Holacene) । ପ୍ଲିଷ୍ଟୋସିନ୍ ଯୁଗ ପ୍ରାୟ ଦଶଲକ୍ଷ ବର୍ଷ ତଳେ ଆରମ୍ଭ ହୋଇ ଖ୍ରୀଷ୍ଟପୂର୍ବ ଦଶହଜାର ବର୍ଷ ପର୍ଯ୍ୟନ୍ତ ଚାଲିଥିଲା ଏବଂ ହାଲୋସିନ୍ ଖ୍ରୀଷ୍ଟପୂର୍ବ ଦଶହଜାର ବର୍ଷରୁ ଆରମ୍ଭ ହୋଇଥିଲା । ଏହି ଦୁଇ ଯୁଗ ମଧ୍ୟ ଭାଗରେ ମାନବ ଧରାପୃଷ୍ଠରେ ସୃଷ୍ଟି ହୋଇ ଥିବାର ନିରୂପଣ କରାଯାଇଛି ।

ପ୍ଲିଷ୍ଟୋସିନ୍ ଯୁଗରେ ଭୂପୃଷ୍ଠ ଗଠନର ବିପୁଳ ପରିବର୍ତ୍ତନ ଘଟିଥିଲା । ସୌରଜଗତ ବ୍ୟାପୀ ପ୍ରକମ୍ପନ ଯୋଗୁଁ ପୃଥିବୀ ଗର୍ଭରେ ଯେଉଁ ଆଲୋଡ଼ନ ସୃଷ୍ଟି ହେଲା, ତାହାହିଁ ଫଳ ସ୍ୱରୂପ ହିମାଳୟ ପର୍ବତର ଉତ୍‌ଥାନ ହେଲା ଏବଂ ଆଜିର ସୌନ୍ଦବ ଗାଙ୍ଗେୟ ଉପତ୍ୟକାରୁ ସମୁଦ୍ର ଘୁଞ୍ଚିଗଲା । ଫଳତଃ ଇଉରେସିଆ (Euroasia)ରୁ ଆଫ୍ରିକା (Africa) ଏବଂ ଏସିଆ (Asia) ଖଣ୍ଡରୁ ଅଷ୍ଟ୍ରେଲିଆ (Australia) ବିଚ୍ଛିନ୍ନ ହେଲା । ଏଥିସହିତ ମଧ୍ୟ ପୂର୍ବଭାରତୀୟ ଦ୍ୱୀପପୁଞ୍ଜ ଗଠିତ ହେଲା । ଏହି ଆଲୋଡ଼ନର ପ୍ରଭାବରେ ଜଳ ଓ ସ୍ଥଳ ଭାଗର ଏତାଦୃଶ ପରିବର୍ତନ ସହ ପ୍ରାଣୀ ଓ ଉଦ୍ଭିଦ ଜଗତର ଅଭୁତପୂର୍ବ ପରିବର୍ତ୍ତନ ଘଟିଥିଲା । ପ୍ରକୃତି ଓ ପରିବେଶର ଏହି ବିବର୍ଜିତ ସନ୍ଧିକାଳରେ ଏକ ନୃ-ବାନର ଜାତୀୟ ଜୀବର ଶାରୀରିକ ପରିବର୍ତ୍ତନ ସହିତ ଚେତନା ଉନ୍ମେଷ ଘଟିଥିଲା । ମାନବ ଜନ୍ମ ହେଲା । ପ୍ରାକୃତିକ ବିବର୍ତ୍ତନ ମଧ୍ୟରେ ମନୁଷ୍ୟର ସୃଷ୍ଟି ପ୍ରକୃତିର ଏକ ଅତୁଳନୀୟ ଅବଦାନ ।

ଏହି ଆଦି ମଣିଷର ଜୀବନ ଥିଲା ଦୁର୍ବିସହ । ପଶୁପକ୍ଷୀଙ୍କ ସହ ବଣଜଙ୍ଗଲରେ ସେ ଜୀବନଯାପନ କରୁଥିଲା । ସମ୍ଭବତଃ କଥା କହିପାରୁ ନଥିଲା ଓ ଅତି ଶୋଚନୀୟ ଅବସ୍ଥାରେ ରହୁଥିଲା । ଜୀବନ ତା'ର ଥିଲା ଅତି କୁତ୍ସିତ, ବର୍ବର ତଥା କ୍ଷଣସ୍ଥାୟୀ । ଏ ମାନବ ଜାତି ମଧ୍ୟ ପ୍ରାକୃତିକ ବିପର୍ଯ୍ୟୟ ହେତୁ ଲୋପ ପାଇଥିଲା । ପରବର୍ତ୍ତୀ କାଳର ଏକ ନୂତନ ମାନବ ଜାତିର ଅଭ୍ୟୁଦୟ ହେଲା ଯେ କି ନିଜକୁ ହିଂସ୍ରଜନ୍ତୁଙ୍କ ଠାରୁ ରକ୍ଷା ପାଇବା ପାଇଁ ଶିକାର ଓ ଫଳମୂଳ ସଂଗ୍ରହ ପାଇଁ ପଥର, ଡାଳ ଓ ହାଡ଼ ଇତ୍ୟାଦିର ବ୍ୟବହାର କରି ଶିଖିଲା । ପ୍ରାୟ ପାଞ୍ଚ ଲକ୍ଷ ବର୍ଷ ତଳେ ଏହିପରି ଏକ ଆଦିମାନବର ଆର୍ବିଭାବ ଭାରତର ହିମାଳୟ ପାଦଦେଶ ତଥା ଭାରତର ମଧ୍ୟ ଭାଗରେ ହୋଇଥିବାର ବହୁ ପ୍ରତ୍ନତାତ୍ତ୍ୱିକ ସଂକେତ ମିଳିଛି । ଉତ୍ତରରେ ହିମାଳୟ ପାଦଦେଶ ଭଳି ପଞ୍ଜାବର ପଟୱାର, ସୋଆନ, ଝେଲମ ନଦୀ ଅବବାହିକାରେ, ପୂର୍ବରେ ଓଡ଼ିଶାର ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ତେଲ ଓ ଅଙ୍ଗନଦୀ ଅବବାହିକାରେ, ଦକ୍ଷିଣରେ ପେନ୍ନାର, କାବେରୀ ନଦୀ କୂଳରେ ଏହି ମାନବ ଜାତି ଏକ ସମୟରେ ଦେଖା ଯାଇଥିବାର ପ୍ରମାଣ ମିଳିଅଛି । ଏହି ସମୟକୁ ପ୍ରସ୍ତର ଯୁଗ ବୋଲି କୁହାଯାଇଛି । ଏହି ଯୁଗ ପୁଣି ଆଦି, ମଧ୍ୟ ଓ ପୁଣି ନୂତନ ଯୁଗ ଭାବରେ ବିଭାଜିତ ।

ଆଦି ଯୁଗରେ ମାନବର ନିଜ ଆବଶ୍ୟକ ଅନୁଯାୟୀ ଅସ୍ତ୍ର ଶସ୍ତ୍ର ତିଆରି କରିଥିବାର ଜଣାଯାଏ । ଏହି ଯୁଗରେ ବଡ଼ବଡ଼ ପଥର ଖଣ୍ଡ, ଛେଲାକରି ଭାଙ୍ଗି ଯେଉଁ ହତିଆର ଗଢ଼ାଯାଉଥିଲା ତାହାକୁ ଛେଚିବା, ଖୋଳିବା କିମ୍ବା କାମରେ ବ୍ୟବହାର କରିବା ଭଳି ଆକାର ପ୍ରଦାନ କରାଯାଉଥିଲା ।

ମଧ୍ୟ ପ୍ରସ୍ତଯୁଗର ମନୁଷ୍ୟ ବହୁବିଧ ଅସ୍ତ୍ରଶସ୍ତ୍ର ଉଦ୍ଭାବନ କରିବାର ଦକ୍ଷତା ଲାଭକରିଥିଲେ ହେଁ ସେଗୁଡ଼ିକ ସୁନ୍ଦର ଓ ରୁଚିସମ୍ପନ୍ନ ହୋଇ ପାରି ନଥିଲା । କେବଳ କାର୍ଯ୍ୟ ତୁଲାଇବା ପାଇଁ ଆବଶ୍ୟକ ଜିନିଷମାନ ତିଆରି କରିବା ସେମାନଙ୍କ ଲକ୍ଷ୍ୟ ଥିଲା । କିନ୍ତୁ ସେହି ଜିନିଷମାନଙ୍କର ସୌନ୍ଦର୍ଯ୍ୟବୋଧ ପ୍ରକାଶ କରିବାର ପ୍ରୟାସ ସେମାନଙ୍କର ନ ଥିଲା ବୋଲି କୁହାଯାଇ ନପାରେ । କାରଣ ଏହି ସମୟରେ ପୃଥିବୀର ବିଭିନ୍ନ ସ୍ଥାନରେ ମାନବ ପାହାଡ଼, ଗୁମ୍ଫା ଓ କାନ୍ଥରେ ଯେଉଁ ଚିତ୍ରମାନ ଅଙ୍କନ କରି ଯାଇଛନ୍ତି, ସେ ସବୁ ତତ୍‌କାଳୀନ ମଣିଷର କଳା ଓ ସୌନ୍ଦର୍ଯ୍ୟବୋଧର ସ୍ପଷ୍ଟ ପରିଚୟ ପ୍ରଦାନ କରିଥାଏ । ଆଗରୁ କୁହାଯାଇଛି ଭାରତରେ ପ୍ରାଗ୍ ଐତିହାସିକ ମନୁଷ୍ୟର ବିକାଶ ଘଟିଥିଲା । ଏ ଯୁଗର ଆବିଷ୍କୃତ ଅଙ୍କନ ଅନବଦ୍ୟ ଜାତୀୟ ସଂପଦ ରୂପେ ବିବେଚିତ । ଏ ପର୍ଯ୍ୟନ୍ତ ଯେଉଁ ଅଳ୍ପ କେତୋଟି ସ୍ଥାନରେ ପ୍ରାଗ୍ ଐତିହାସିକ ଚିତ୍ର ଆବିଷ୍କୃତ ହୋଇଛି ତନ୍ମଧ୍ୟରୁ ଉତ୍ତରପ୍ରଦେଶର ମିର୍ଜାପୁର ନିକଟରୁ ପର୍ବତ ଗୁମ୍ଫାରେ ଥିବା ଚିତ୍ର, ମଧ୍ୟପ୍ରଦେଶ ରାୟଗଡ଼ା ଜିଲ୍ଲା ସିଂହନପୁର ନିକଟସ୍ଥ ଚିତ୍ର ଓ ଭରତପୁର ଗୁମ୍ଫା ଚିତ୍ର ଏବଂ ଓଡ଼ିଶାର ଗୁଡ଼ହାଣ୍ଡି ଚିତ୍ରାଙ୍କନ ଉଲ୍ଲେଖଯୋଗ୍ୟ । ଓଡ଼ିଶାର ଗୁଡ଼ହାଣ୍ଡି ଚିତ୍ରାଙ୍କନର ସମୟ ପ୍ରାଚୀନ ପ୍ରସ୍ତରଯୁଗର ଶେଷଭାଗ (Upper Paleothic Age)କୁ ଗ୍ରହଣ କରାଯାଇଥାଏ । ଏହି ଚିତ୍ରଗୁଡ଼ିକର ସମସ୍ତ ମୋଟାମୋଟି ଉପରେ ଖ୍ରୀଷ୍ଟପୂର୍ବ ୨୫ ହଜାରରୁ ୧୫ ହଜାର ବର୍ଷ ମଧ୍ୟରେ ଅନୁମାନ କରାଯାଇଛି ।

ନୂତନ ପ୍ରସ୍ତର ଯୁଗରେ ଅସ୍ତ୍ର ଶସ୍ତ୍ର ପୂର୍ବାନୁଯାୟୀ ତିଆରି ହୋଇଥିଲେ ମଧ୍ୟ ଏଗୁଡ଼ିକ ଅତି ଚିକ୍କଣ, ସୁନ୍ଦର ଓ ଶକ୍ତ ରୂପେ ଗଢ଼ା ଯାଇଥିଲା। ଏହି ଯୁଗରେ ବିଭିନ୍ନ କାର୍ଯ୍ୟ ସଂପାଦନା ପାଇଁ ଭିନ୍ନଭିନ୍ନ ଅସ୍ତ୍ରଶସ୍ତ୍ର ନିର୍ମିତ ହୋଇଥିଲା ଏବଂ ଏଥିରେ ମାନବର ସୌନ୍ଦର୍ଯ୍ୟବୋଧ ବିକଶିତ ହୋଇଥିବାର ସ୍ପଷ୍ଟ ସୂଚନା ମିଳିଥାଏ। ଏ ସମୟର ବହୁଳ ପ୍ରୟୋଗ ତଥା ଲୋକପ୍ରିୟ ହତିଆର 'କୁରାଢ଼ି' ଥିଲା। ଏହି କୁରାଢ଼ି ଅନ୍ୟନ୍ତ ଚିକ୍କଣ ଥିଲା ଏବଂ ଏହା ଭାରତର ବିଭିନ୍ନ ସ୍ଥାନରୁ ଆବିଷ୍କୃତ ହୋଇଛି। ଏହି ଚିକ୍କଣ କୁଠାରର ବହୁଳ ବ୍ୟବହାର ପାଇଁ ନୂତନ ପ୍ରସ୍ତର ସଂସ୍କୃତିକୁ 'ଚିକ୍କଣ କୁଠାର ସଂସ୍କୃତି' (Celt Culture) ବୋଲି କୁହାଯାଏ । ବସ୍ତୁତଃ ଓଡ଼ିଶା, ପଶ୍ଚିମବଙ୍ଗ, ବିହାର, ଉତ୍ତରପ୍ରଦେଶର କେତେକ ସ୍ଥାନରେ ପଥରର ଏହି କୁରାଢ଼ି ସହିତ ଧାତୁ ନିର୍ମିତ କୁରାଢ଼ି ମଧ୍ୟ ଆବିଷ୍କୃତ ହୋଇଅଛି।

ବାସ୍ତବରେ, ଧାତୁ ନିର୍ମିତ ଅସ୍ତ୍ରଶସ୍ତ୍ର ବ୍ୟବହାର କରିବା ପରେ ମାନବ ସଭ୍ୟତାର ଦ୍ରୁତ ବିକାଶ ଘଟିଥିଲା। ଏ ଯୁଗରେ ତାମ୍ରଫଳାଯୁକ୍ତ ଲଙ୍ଗଳ ଓ ଚକ୍ରଚାଳିତ ଯାନ ଓ ଉଦଭାବନ ହୋଇଥିଲା ବୋଲି ଗବେଷକମାନେ ମତ ଦିଅନ୍ତି।

ଖ୍ରୀଷ୍ଟପୂର୍ବ ତିନିହଜାର ବର୍ଷ ପୂର୍ବେ ତାମ୍ର ସଂସ୍କୃତିର ଚୂଡ଼ାନ୍ତ ଅଭିବ୍ୟକ୍ତି ପ୍ରକାଶ ପାଇଥୁଲା। ତାମ୍ର ହେଉଛି ବାସ୍ତବରେ ମାନବ ଇତିହାସର ଉଷାକାଳ । ଏହି ସମୟରେ ଇଜିପ୍ଟ୍, ମେସୋପୋଟାମିଆ, ମହେଞ୍ଜୋଦାରୋ, ହର୍‌ପପା ଆଦି ସ୍ଥାନରେ ମାନବ ଜାତିର ଆଦି ସଭ୍ୟତା ବିକାଶଲାଭ କରିଥିଲା।

ଅଧ୍ୟକ୍ଷ,
ବାଲେଶ୍ୱର ଚାରୁ ଓ କାରୁକଳା ମହାବିଦ୍ୟାଳୟ

•••

## ଖୁମକୁଟ ଓ ରାଜବଂଶୀ ଯୁଗ

ଡା. ଦେବାଶିଷ ମିଶ୍ର

ଓଡ଼ିଶାର ବାଲେଶ୍ୱର ଜିଲ୍ଲାର ଅଞ୍ଚଳରେ ଅଛି ଏମିତି ଏକ ଗୁପ୍ତ ରନ୍‌-ଖୁମକୁଟ, ଯାହା ଦୃଷ୍ଟିରେ ଆସିଥିଲେ ବି ଇତିହାସର ଅଂଗଭୂତ ଅଂଶ ଭାବେ ଅଛି। ଏହା କେବଳ ଏକ ପୁରୁଣା ଦୁର୍ଗ ନୁହେଁ-ଏହା ହେଉଛି ଏକ ରାଜ୍ୟର ରକ୍ଷାଚିହ୍ନ, ଏକ ଅବିରତ ଶ୍ରମ ଓ ଚତୁରତାର ଦେଖାଣ।

ନୀଳଗିରି ରାଜ୍ୟର ଆରମ୍ଭ ପ୍ରାୟ ୧,୦୦୦ ବର୍ଷ ପୂର୍ବେ, ଛୋଟନାଗପୁରରୁ ଆସିଥିବା ନୀଳ ଓ ଶଙ୍କର ନାମକ ଦୁଇ ରାଜପୁତ ଭାଇଙ୍କ ଦ୍ୱାରା ହେଉଥିବା କୁହାଯାଏ। ଏହି ବଂଶର ଶାସନ ସମୟରେ ନୀଳଗିରି ଅଞ୍ଚଳ ତୀବ୍ର ରାଜନୈତିକ ଓ ସାମରିକ ଚାପ ଅଧୀନରେ ଥିଲା। ଏହି ପରିସ୍ଥିତିରେ ଗଢ଼ା ହେଲା ଖୁମକୁଟ-ଏକ ଗୁପ୍ତ, ଦୁର୍ଗମ ଓ ସେନାନୀତିକ ଦୃଷ୍ଟିରୁ ଅତ୍ୟନ୍ତ ଜରୁରୀ ଦୁର୍ଗ।

### ନିର୍ମାଣ ର ବୈଶିଷ୍ଟ୍ୟ

ଖୁମକୁଟ ଦୁର୍ଗ ଏମିତି ଏକ ସ୍ଥାନ ଯେଉଁଠି ଓଡ଼ିଆ ଶୈଳୀର ପ୍ରାଚୀନ ଦୁର୍ଗ ନିର୍ମାଣ ରୂପରେ ପ୍ରକୃତି ସହିତ ସଂପୂର୍ଣ୍ଣ ଏକାତ୍ମତା ବ୍ୟକ୍ତ ହୁଏ। ଏହା କୌଣସି ଶୋଭାରୂପୀ ରାଜମହଲ ନୁହେଁ-ଏହା ଏକ ଶୁଧୁ ସେନା ଓ ସ୍ରକ୍ଷା ଉଦ୍ଦେଶ୍ୟରେ ତିଆରି ହୋଇଥିବା ଘନ ଶିଳ୍ପ ରୂପ।

### ୧. ପଥର ଓ ପଦ୍ଧତି

ନିର୍ମାଣରେ ବ୍ୟବହୃତ ପ୍ରଧାନ ସାମଗ୍ରୀ ଥିଲା 'ଲାଟେରାଇଟ ପଥର', ଯାହା ପାହାଡ଼ ଉପରୁ ଅନେକ ଶ୍ରମ ଓ ସମୟ ଦ୍ୱାରା ଆଣାଯାଇଥିଲା।

- ଏହି ପଥରଗୁଡ଼ିକୁ ଅନ୍ୟାନ୍ୟ ଦୁର୍ଗ ଶୈଳୀର ଭଳି 'ଗାରଖାରି ବା ଚୁନା ଦ୍ୱାରା ନୁହେଁ', ବରଂ ଶୁଧୁ ପ୍ରକୃତିକ ଶୁଷ୍କ ଏବଂ ଲକ୍ଷ୍ୟପୂର୍ଣ୍ଣ ଭାବରେ ଲାଗିଥିଲା-ଏକ ପ୍ରାଚୀନ 'dry masonry' ଶୈଳୀ।

### ୨. ଅବସ୍ଥିତି ଓ ଗଠନ ପ୍ରକାର

- ଖୁମକୁଟର ଅବସ୍ଥିତି ଏମିତି ଯେ, ଏହା ଅତି ଦୁର୍ଗମ ଗିରିଭୂମିରେ ରହିଥିଲା, ଯାହା ପ୍ରାକୃତିକ ଦୃଷ୍ଟିରୁ 'ପ୍ରତିରକ୍ଷା ଶକ୍ତି ରଖିଥିଲା'।
- ଦୁର୍ଗ ଚାରିପାଖରେ ଜଙ୍ଗଲ ଓ ପାହାଡ଼ ଥିଲା ଯାହା ଏହାକୁ ଦୃଶ୍ୟରେ ଅଦୃଶ୍ୟ ରଖିଥିଲା- 'କ୍ୟାମୋଫ୍ଲାଜ ନିର୍ମାଣ ଶୈଳୀ'।
- ଦୁର୍ଗ ଅଟାଳିକା ଗୁଡ଼ିକ ପାହାଡ଼ର ଆକୃତିକୁ ଅନୁସରଣ କରି 'ଆକୃତିଶୀଳ ରୂପ' ଧାରଣ କରିଥିଲେ, ଏହି ଶୈଳୀକୁ କୁହାଯାଏ 'contour adaptation design'।

**୩. ପ୍ରବେଶ ଦ୍ୱାର ଓ ରହସ୍ୟ ଚୋରା ରାସ୍ତା**

- ପ୍ରବେଶ ଦ୍ୱାର ସାଧାରଣତଃ ଛୋଟ ଓ ତୀବ୍ର କୋଣ ଥିଲା, ଯାହା ଶତ୍ରୁଙ୍କ ଦାଖଲକୁ ଅବରୋଧ କରିପାରେ।
- ଅନ୍ତର୍ନିହିତ 'ଗୁପ୍ତ ଚୋରା ମାର୍ଗ', ଯାହା ଶତ୍ରୁ ଆକ୍ରମଣ ସମୟରେ ରାଜାମାନେ ପଳେଇ ଯିବା ପାଇଁ ବ୍ୟବହାର କରୁଥିଲେ-ଏହା ଅନେକ ଶୈଳୀର ଦୁର୍ଗରେ ମିଳୁଥିବା ଏକ ଜଣା ପ୍ରଥା।

**୪. ରକ୍ଷା ପ୍ରଣାଳୀ ଓ ସ୍ୱାବଲମ୍ବନ**

- ଦୁର୍ଗ ଭିତରେ ପାଣି ଗୋଦାମ, ଦଳାନ ଓ ଶସ୍ତ୍ର ଗୋଦାମ ଥିଲା। ନିମ୍ନ ଅଞ୍ଚଳରେ ଏକ ଛୋଟ ଝରଣା ଅଛି ଯାହା ଶୁଦ୍ଧ ଜଳସ୍ରୋତ ଥିଲା।
- ଏହି ଦୁର୍ଗ ସ୍ୱାବଲମ୍ବନ ପାଇଁ ତିଆରି, ଯେଉଁଠି ଦୀର୍ଘ ଅବରୋଧ ସମୟରେ ମଧ ରାଜା ଓ ସେନା ଟିକି ପାରିଥିଲେ।

**୫. ଦୂରଦୃଷ୍ଟି ସ୍ଥାନ**

- ପାହାଡ଼ ଉପରେ ଥିବା ଏହି ଦୁର୍ଗର କିଛି ଅଂଶ 'ଦୂରଦୃଷ୍ଟି ସ୍ଥାନ' ଭାବେ ବ୍ୟବହୃତ ହୋଇଥିଲା, ଯେଉଁଠାରୁ ମାଇଲ୍ ମାଇଲ୍ ଦୂରେ ଥିବା ଗାଁ ବା ଶତ୍ରୁ ସେନାର ଗତିବିଧି ଦେଖିହେଉଥିଲା।

ଖୁମକୁଟର ନିର୍ମାଣ ଦୃଢ଼ ଲାଟେରାଇଟ ପଥର ଦ୍ୱାରା କରାଯାଇଥିଲା, ଯାହା ସ୍ଥାନୀୟ ପାହାଡ଼ ଉପରୁ ଆଣାଯାଇଥିଲା। ଏହାର ଗଠନ ଏମିତି ଥିଲା ଯେ:

୧. ପ୍ରକୃତି ସହିତ ଏକାତ୍ମରୂପ ଧାରଣ କରିଥିଲା, ପ୍ରାୟ ଗଛ ଓ ପାହାଡ଼ ମଧ୍ୟରେ ଲୁଚି ରହିଥିଲା।
୨. ପାହାଡ଼ ଶୀର୍ଷରେ ଥିବା ସ୍ଥାନରୁ ଚାରିଦିଗ ଉପରେ ନଜର ରଖିପାରିଥିଲା।
୩. ଗୁପ୍ତ ଚୋରାମାର୍ଗ, ଛୋଟ ଦ୍ୱାର, ଓ ଶିକାର ପଥ ଏହି ଦୁର୍ଗର ଆଉ ଏକ ବୈଶିଷ୍ଟ୍ୟ ଥିଲା।

**୬. ସେନା ନୀତି ଓ ରାଜନୈତିକ ମୂଲ୍ୟ**

ଖୁମକୁଟର ମୁଖ୍ୟ କାମ ଥିଲା ଏକ ସେନା ଗୁପ୍ତଚର ଗାଁ। ଏହା ଭିତରେ ରାଜାମାନେ ସେନା ଯୋଜନା, ଆପଦକାଳୀନ ଆଶ୍ରୟ, ଓ ଅସ୍ତ୍ର ଗୋଦାମ ସଂଗ୍ରହ କରୁଥିଲେ। ମୋଗଲ ଶାସନ ଓ ମରାଠା ଆକ୍ରମଣ ସମୟରେ ଏହି ଦୁର୍ଗ ରାଜ୍ୟରକ୍ଷାର ଏକ ପ୍ରମୁଖ ରୂପ ଧାରଣ କରିଥିଲା।

**ସ୍ୱାଧୀନତା ଆନ୍ଦୋଳନରେ ଭୂମିକା**

୧୯୪୬-୪୭ ମସିହାରେ ଯେତେବେଳେ ନୀଳଗିରିରେ ପ୍ରଜା ମଣ୍ଡଳ ଆନ୍ଦୋଳନ ଭାସିଉଠିଲା, ଖୁମକୁଟ ହେଲା ଏହି ଆନ୍ଦୋଳନର ଏକ ଗୁପ୍ତ ଅଧିବେଶନ ସ୍ଥଳ। ଏଠିରେ ଅନେକ ଯୁବନେତା ଏବଂ ଗ୍ରାମବାସୀ ମିଳି ସ୍ୱାଧୀନତା ପାଇଁ ଯୋଜନା କରୁଥିଲେ। ଏହି ଦୁର୍ଗ ଏକ ଦିନ ଅନ୍ତତଃ ଏହି ରାଜ୍ୟର ଅନ୍ତିମ ସ୍ୱାଧୀନ ଅଧ୍ୟାୟର ଗାଥା ହେଲା।

ଖୁମକୁଟ ଆଜି ଅଧିକାଂଶ ଲୋକଙ୍କ ଦୃଷ୍ଟିରୁ ଅଦୃଶ୍ୟ ହୋଇଗଲା ବୋଲି ଲାଗୁଛି, କିନ୍ତୁ ଏହା ଏପରି ଏକ ସ୍ଥାନ ଯାହାର ପ୍ରତ୍ୟେକ ପଥର ଏକ କାହାଣୀ କୁହେ। ଏହାକୁ ସଂରକ୍ଷଣ କରି ଐତିହ୍ୟ ତଥ୍ୟ ମ୍ୟୁଜିଅମ, ଶିକ୍ଷା ପରିକଳ୍ପନା ଓ ସଂସ୍କୃତିକ ପର୍ଯ୍ୟଟନ ମାଧ୍ୟମରେ ଉନ୍ମୋଚନ କରିପାରିବା।

ମଲ୍ଟିକେୟାର ଫିଜିଓଥେରାପି ରିହାବ ସେଣ୍ଟର,
ଜିଲ୍ଲା ସ୍କୁଲ ରୋଡ଼, ବାଲେଶ୍ୱର

•••

## ଓଡ଼ିଆ ଭାଷାରେ ପ୍ରଥମ ବିଦେଶୀ ଗବେଷକ

**ବୀରେଶ୍ୱର ମହାନ୍ତି**

୧୯୭୫ ମସିହା ଜାନୁଆରୀ ଚଉଦ ତାରିଖ। ବ୍ୟାସକବି ଫକୀରମୋହନଙ୍କ ପୁଣ୍ୟ ଜୟନ୍ତୀ ବାଲେଶ୍ୱରରେ 'ଫକୀରମୋହନ ସାହିତ୍ୟ ପରିଷଦ' ଆନୁକୂଲ୍ୟରେ ମହା ସମାରୋହରେ ପାଳନ କରାଯାଉଥାଏ। ସବୁ ବର୍ଷ ପରି ସେ ବର୍ଷ ମଧ ଏକ ସଭାକାର୍ଯ୍ୟର ଆୟୋଜନ କରାଯାଇଥାଏ । ସଭାମଞ୍ଚରେ ଅତିଥିମାନେ ସେମାନଙ୍କର ସ୍ଥାନ ଗ୍ରହଣ କରିସାରିଥାନ୍ତି । ବିଶିଷ୍ଟ ସାହିତ୍ୟିକ ୰ ବ୍ରଜନାଥ ରଥ ସଭାପତି ଆସନ ଅଳଂକୃତ କରିଥିବାବେଳେ ଓଡ଼ିଶାର ତତ୍କାଳୀନ ସଂସ୍କୃତି ମନ୍ତ୍ରୀ ୰ଯଦୁନାଥ ଦାଶମହାପାତ୍ର ମୁଖ୍ୟ ଅତିଥି ସ୍ଥାନ ଗ୍ରହଣ କରିଥାନ୍ତି। ମାତ୍ର ମୁଖ୍ୟବକ୍ତାଙ୍କ ସ୍ଥାନରେ ଜଣେ ବିଦେଶୀ ଉପବିଷ୍ଟ ହୋଇଥିବାର ଦୃଷ୍ଟିଗୋଚର ହେଲା ।

ଯେଉଁମାନେ ତାଙ୍କୁ ଜାଣିବାର ସୁଯୋଗ ପାଇ ନ ଥିଲେ ସେମାନେ କୌତୁହଳରେ ପରସ୍ପର ପ୍ରତି ଦୃଷ୍ଟି ନିକ୍ଷେପ କଲେ। ବିଦେଶୀଜଣକ ପୁଣି ବକ୍ତବ୍ୟ ରଖିବେ ଫକୀରମୋହନଙ୍କ ଉପରେ !

ମୃଦୁ ଗୁଞ୍ଜରଣ, ଭ୍ରୂକୁଞ୍ଚନ ମଧ୍ୟରେ ସଭାକାର୍ଯ୍ୟ ଆରମ୍ଭ ହେଲା । ସମୟ କ୍ରମେ ବିଦେଶୀ ମୁଖ୍ୟବକ୍ତା ଜଣକ ତାଙ୍କର ବକ୍ତବ୍ୟ ପ୍ରଦାନ କରିବା ପାଇଁ ଦଣ୍ଡାୟମାନ ହେଲେ । ପୁଣି ଚାପା ଗୁଞ୍ଜରଣ । ମୁଖ୍ୟବକ୍ତା କେଉଁ ଭାଷାରେ କହିବେ ? କିନ୍ତୁ ଏ କ'ଣ ? ବିଦେଶୀ ଜଣକ ଶୁଦ୍ଧ ଓଡ଼ିଆ ଭାଷାରେ ତାଙ୍କର ବକ୍ତବ୍ୟ ପ୍ରଦାନ କରିବା ଆରମ୍ଭ କଲେ । ବିପୁଳ କରତାଳିରେ ସଭାସ୍ଥଳ ପ୍ରକମ୍ପିତ ହୋଇଉଠିଲା । ବିଦେଶୀ ଜଣକ ଓଡ଼ିଆରେ ଫକୀରମୋହନଙ୍କ ଉପରେ ଅନର୍ଗଳ ଭାଷଣ ପ୍ରଦାନ କରି ଚାଲିଲେ । ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା ପାଇଁ ମା' କୁଚିଳା ଦେଈଙ୍କ ଭୂମିକାକୁ ଅତି ନିଖୁଣ ଭାବରେ ବର୍ଣ୍ଣନା କରୁଥାନ୍ତି । ମା କୁଚିଳା ଦେଈ ଫକୀର ମୋହନଙ୍କ ଆଦର, ଯତ୍ନ ନେଇ ନ ଥିଲେ ଓଡ଼ିଆ ଭାଷା ଓ ସାହିତ୍ୟର ସୁରକ୍ଷା କରିଥାନ୍ତା କିଏ ? ଓଡ଼ିଆ ଭାଷାର ଅବସ୍ଥା ଆଜି କ'ଣ ହୋଇଥାନ୍ତା !

ଶୁଦ୍ଧ, ସ୍ପଷ୍ଟ ଉଚ୍ଚାରଣରେ ଓଡ଼ିଆ କହି ପାରୁଥିବା ଏହି ବିଦେଶୀ ବ୍ୟକ୍ତି ଜଣକ ହେଉଛନ୍ତି ଡକ୍ଟର ଜନ୍ ଭିକ୍ଟର ବୋଲ୍‌ଟନ । ଲଣ୍ଡନ ବିଶ୍ୱବିଦ୍ୟାଳୟର ଓଡ଼ିଆ-ବଙ୍ଗଳା ସାହିତ୍ୟ ବିଭାଗର ତତ୍‌କାଳୀନ ଅଧ୍ୟାପକ ।

ଅତ୍ୟନ୍ତ ଦୁଃଖ ଏବଂ ପରିତାପର ବିଷୟ ଏହି ଯେ ଜଣେ ବିଦେଶୀ ଓଡ଼ିଆ ଭାଷାରେ ଫକୀରମୋହନଙ୍କ ଉପରେ ଗବେଷଣା କରି ଏକ ବିଦେଶୀ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି. ଡିଗ୍ରୀ ଲାଭ କରିବା ସମ୍ବନ୍ଧରେ ବହୁ ଜ୍ଞାନୀ, ଗୁଣୀ ଓଡ଼ିଆ ଆଜି ବି ଅଜ୍ଞ । ଏପରି ଏକ ଅଭାବନୀୟ ପରିସ୍ଥିତି ଓଡ଼ିଆ ଜାତି ପାଇଁ ଏକ ଲଜ୍ଜାକର ପରିସ୍ଥିତି ସୃଷ୍ଟି କରୁ ନାହିଁ କି ?

ଜନ୍ ବୋଲ୍‌ଟନ୍ ସୁଦୂର ଲଣ୍ଡନରେ ଥାଇ ଓଡ଼ିଆ ଭାଷା ଶିକ୍ଷା କରି ଫକୀର ମୋହନଙ୍କ ଉପରେ ଗବେଷଣାପୂର୍ବକ ପି.ଏଚ୍.ଡି ଲାଭ କରିବାର ଗୌରବ ଅର୍ଜ୍ଜନ କରିପାରିଥିଲେ । ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ତାଙ୍କର ଅହେତୁକ ଦୁର୍ବଳତା ଥିଲା । ସେଥିପାଇଁ ଫକୀରମୋହନଙ୍କ ବ୍ୟତୀତ ଆଦିକବି ସାରଳା ଦାସ, ଉତ୍କଳ ଭାରତୀ କୁନ୍ତଳା କୁମାରୀ ସାବତ, ପଣ୍ଡିତ ନୀଳକଣ୍ଠ ଦାସ, ପଣ୍ଡିତ ଗୋଦାବରୀଶ ମିଶ୍ର, ବିଶିଷ୍ଟ ଗବେଷକ ଚକ୍ରଧର ମହାପାତ୍ର ଆଦିଙ୍କୁ ବିଶ୍ୱ ଦରବାରରେ ପରିଚୟ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛନ୍ତି । ଏତଦ୍‌ବ୍ୟତୀତ ସେ କଲିକତା ଓ ଉତ୍କଳ ବିଶ୍ୱବିଦ୍ୟାଳୟର ପି.ଏଚ୍.ଡି ସ୍ତରରେ ଏବଂ ଲଣ୍ଡନ ବିଶ୍ୱବିଦ୍ୟାଳୟର ଡି.ଲିଟ୍ ସ୍ତରରେ ଜଣେ ପ୍ରବୀଣ ପରୀକ୍ଷକ ଭାବରେ ସୁଖ୍ୟାତି ଅର୍ଜ୍ଜନ କରିଛନ୍ତି ।

ଏହି ମହାନ୍ ଗବେଷକ ତଥା ଓଡ଼ିଆ ସାହିତ୍ୟକୁ ପ୍ରାଣଭରି ଭଲପାଉଥିବା ଡକ୍ଟର ବୋଲ୍‌ଟନ୍ ଏକ ଶ୍ରମିକ ପରିବାରରେ ଅଗଷ୍ଟ ସତେଇଶ ତାରିଖ ୧୯୩୪ ମସିହାରେ ଇଂଲଣ୍ଡର ଉଲ୍‌ଷ୍ଟ୍ରଣ୍ଟନ, ଷ୍ଟାଫୋର୍ଡ଼ଶାୟାର୍‌ରେ ଜନ୍ମ ଗ୍ରହଣ କରିଥିଲେ । ଶିକ୍ଷା ସମାପ୍ତି ପରେ ସେ ବ୍ରିଟିଶ୍ ସୈନ୍ୟବାହିନୀରେ ଯୋଗଦାନ କରିଥିଲେ ମଧ୍ୟ ସନ୍ତୁଷ୍ଟି ପାଇ ପାରି ନ ଥିଲେ । ବରଂ ବିଭିନ୍ନ ଭାଷା, ସାହିତ୍ୟ, ସଂସ୍କୃତି ବିଷୟରେ ଅଧିକ ଜ୍ଞାନ ପାଇଁ ସେ ଆଗ୍ରହୀ ହୋଇ ପଡ଼ିଲେ । ସୈନ୍ୟବାହିନୀରୁ ଦାୟିତ୍ୱ ମୁକ୍ତି ହେବା ପରେ ସେ ଲଣ୍ଡନ ବିଶ୍ୱବିଦ୍ୟାଳୟର ପ୍ରାଚ୍ୟ ଓ ଆଫ୍ରିକା ବିଷୟକ ଅନୁଷ୍ଠାନରେ ଯୋଗଦାନ କରି ଓଡ଼ିଆ ଓ ବଙ୍ଗଳା ବିଭାଗର ସାହିତ୍ୟ ଅଧ୍ୟାପକ ଭାବେ ନିଯୁକ୍ତି ପାଇଲେ । ପରବର୍ତ୍ତୀ କାଳରେ ତାଙ୍କର ଓଡ଼ିଆ ଭାଷା-ସାହିତ୍ୟ ଉପରେ ଆଗ୍ରହ କେନ୍ଦ୍ରୀଭୂତ ହୋଇଥିଲା । ଏହି ଆଗ୍ରହ ତାଙ୍କୁ ଫକୀରମୋହନଙ୍କ ଉପରେ ଗବେଷଣା କରିବା ପାଇଁ ପ୍ରେରଣା ଯୋଗାଇଥିଲା । ଫକୀରମୋହନଙ୍କ ରଚନାବଳୀ ତଥା ତାଙ୍କ ଆତ୍ମଜୀବନୀ ପଢ଼ି ଏତେ ପ୍ରଭାବିତ ହୋଇଥିଲେଯେ ସେ ଫକୀରମୋହନଙ୍କ ଉପରେ ଗବେଷଣା କରି ୧୯୬୭ ମସିହାରେ ଲଣ୍ଡନ ବିଶ୍ୱବିଦ୍ୟାଳୟରୁ ପି.ଏଚ୍.ଡି ଡିଗ୍ରୀ ହାସଲ କରିଥିଲେ । ବିଶିଷ୍ଟ ଓଡ଼ିଆ ଭାଷାତତ୍ତ୍ୱବିତ୍ ଅଧ୍ୟାପକ ବିଜୟ ପ୍ରସାଦ ମହାପାତ୍ର ଲଣ୍ଡନରେ ଅବସ୍ଥାନ କରୁଥିବା ବେଳେ ଜନ୍ ବୋଲ୍‌ଟନ୍ ତାଙ୍କଠାରୁ ଓଡ଼ିଆ ଭାଷା ଶିକ୍ଷା ଲାଭ କରିଥିଲେ । ପରବର୍ତ୍ତୀ କାଳରେ ଓଡ଼ିଆ ଭାଷାରେ ପାରଦର୍ଶିତା ଲାଭ କରି ଓଡ଼ିଆ ସାହିତ୍ୟର କଥା ସମ୍ରାଟ ଫକୀରମୋହନଙ୍କ ଉପରେ ଗବେଷଣା କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ।

୧୯୭୫ ମସିହା ଫେବୃଆରୀ ୧୯ ତାରିଖରେ ଓଡ଼ିଆ ସାହିତ୍ୟ ଏକାଡେମୀ ତରଫରୁ ଡଃ ବୋଲ୍‌ଟନ୍‌ଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରାଯାଇଥିଲା । ସେହି ଅବସରରେ ସେ ଯେଉଁ କ୍ଷୁଦ୍ର ଅଥଚ ସାରଗର୍ଭକ ଲିଖିତ ବକ୍ତୃତା ପ୍ରଦାନ କରିଥିଲେ, ତାହାକୁ ସଙ୍କଳନ କରି ଓଡ଼ିଶା ସାହିତ୍ୟ ଏକାଡେମୀ 'ଦେଶ, କାଳ, ପାତ୍ର ଓ ମନିଷୀ ଫକୀରମୋହନ" ନାମରେ ଏକ ପୁସ୍ତିକା ପ୍ରକାଶନ କରିଛନ୍ତି । ଏହି ପୁସ୍ତିକାର ଏକ ଇଂରାଜୀ ସଂସ୍କରଣ ଯଥା-

Phakirmohan Senapati and His times ନାମରେ ୧୯୭୬ ମସିହାରେ ପ୍ରକାଶ ହୋଇଅଛି । ଏହାର ଆଦ୍ୟ କଥନରେ ବୋଲ୍‌ଟନ୍ ଲେଖିଛନ୍ତି- This article is an English Translation of a speech delivered in Oriya at "Rabindra Mandap" in Bhubaneswar at the invitation of Orissa Sahitya Academy on 19th February 1975. This speech attempted to summaries to the doctoral thesis on 'Phakir Mohan Senapati, his life and prose-fiction for which I was awarded the P.H.D degree by the University of London in 1967"

ଫକୀରମୋହନଙ୍କ ଜୟନ୍ତୀ ପରେ ତା ୧୧/୪/୧୯୭୫ରେ ବୋଲ୍‌ଟନ୍ ମହାଶୟ ପୂନର୍ବାର ଆଉ ଥରେ ବାଲେଶ୍ୱର ଆସିଥିଲେ । ଏଥର ତାଙ୍କୁ ବାଲେଶ୍ୱର ପୌର ପରିଷଦ ପକ୍ଷରୁ ଓଡ଼ିଆ ଭାଷା ପ୍ରୀତି ପାଇଁ ଏକ ଭବ୍ୟ ନାଗରିକ ସମ୍ବର୍ଦ୍ଧନା ଦିଆଯିବାର ଆୟୋଜନ କରାଯାଇଥିଲା । ବାଲେଶ୍ୱର ପୌର ପରିଷଦର ତତ୍‌କାଳୀନ ଅଧକ୍ଷ ୰ ସୁକୁମାର ନାୟକଙ୍କ ବିନମ୍ର ନିମନ୍ତ୍ରଣ କ୍ରମେ ଜନ୍ ବୋଲ୍‌ଟନ୍ ବାଲେଶ୍ୱର ପୌରପରିଷଦ ଦ୍ୱାରା ଦିଆଯାଇଥିବା ସମ୍ବର୍ଦ୍ଧନାକୁ କୃତଜ୍ଞତାର ସହ ଗ୍ରହଣ କରିଥିଲେ । ଡକ୍‌ଟର ବୋଲ୍‌ଟନ୍‌ଙ୍କୁ ଓଡ଼ିଆମାନଙ୍କ ନିକଟରେ ପରିଚିତ କରାଇବା ପାଇଁ ବାଲେଶ୍ୱର ଫକୀରମୋହନ ସାହିତ୍ୟ ପରିଷଦର ତତ୍‌କାଳୀନ ସଭାପତି ୰ କବି ବ୍ରଜନାଥ ରଥ ଏବଂ ବାଲେଶ୍ୱର ପୌରସଂସ୍ଥାର ପୂର୍ବତନ ଅଧକ୍ଷ ୰ ସୁକୁମାର ନାୟକଙ୍କର ଭୂମିକାକୁ ଯେତେ ପ୍ରଶଂସା କଲେ ମଧ କମ୍ ହେବ । ନାଗରିକ ସମ୍ବର୍ଦ୍ଧନା ଅବସରରେ ଡଃ ବୋଲ୍‌ଟନ୍‌ଙ୍କ ଉଦ୍ଦେଶ୍ୟରେ ତତ୍‌କାଳୀନ ନଗରପାଳ ୰ ସୁକୁମାର ନାୟକ ଯେଉଁ ମାନପତ୍ର ପାଠ କରିଥିଲେ, ତାହାର ଅବିକଳ ନକଲ ନିମ୍ନରେ ଉଦ୍ଧାର କରାଗଲା ।

ଡକ୍ଟର ଜନ୍ ଭିକ୍‌ଟର ବୋଲ୍‌ଟନ୍, ପ୍ରାଧ୍ୟାପକ, ଲଣ୍ଡନ ବିଶ୍ୱବିଦ୍ୟାଳୟଙ୍କୁ

ବାଲେଶ୍ୱର ପୌରସଂସ୍ଥାର ନାଗରିକ ସମ୍ବର୍ଦ୍ଧନା ।

ଇତିହାସ ବହୁଳ ବାଲେଶ୍ୱର ବହୁ ବିଦେଶୀ ଉପନିବେଶର କର୍ମକେନ୍ଦ୍ର, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରାଣକେନ୍ଦ୍ର, ଓଡ଼ିଆ ଗଦ୍ୟ ସାହିତ୍ୟର ଜନକ ଫକୀରମୋହନଙ୍କ ପବିତ୍ର ଜନ୍ମଭୂମି-ଫକୀରମୋହନ-ରାଧାନାଥ-ମଧୁସୂଦନଙ୍କ ସାଧନାପୀଠ । ଏହି ପବିତ୍ର ତୀର୍ଥସ୍ଥଳୀ କେରୀ-ଲେସୀ ଓ ବୀମ୍‌ସ ପ୍ରଭୃତି ବହୁ ବିଦେଶୀ ମନୀଷୀ ଓ ଭାଷାବିଦ୍‌ଙ୍କ କର୍ମପୀଠ ।

ସଂସ୍କୃତିପ୍ରେମୀ ବାଲେଶ୍ୱରବାସୀ ଆଜି ଏହି ଶୁଭ ସଂଧ୍ୟାରେ ଆପଣଙ୍କୁ ପାଇ ଭାଗ୍ୟବାନ ମନେ କରୁଛନ୍ତି ।

ମାନନୀୟ ଡକ୍ଟର ବୋଲ୍‌ଟନ୍!

ସ୍ୱାଧିନୋତ୍ତର ଭାରତର ଆପଣ ଏକମାତ୍ର ବିଦେଶୀ, ଓଡ଼ିଆ ଭାଷା ଉପରେ ଗବେଷଣାତ୍ମକ ନିବନ୍ଧ ଲେଖି ଲଣ୍ଡନ ବିଶ୍ୱବିଦ୍ୟାଳୟ ଦ୍ୱାରା ସମ୍ମାନିତ ହୋଇଛନ୍ତି ।

ଆଧୁନିକ ଓଡ଼ିଆ ସାହିତ୍ୟର ପ୍ରାଣ ପ୍ରତିଷ୍ଠାତା ଓ ଅନ୍ୟତମ ଦିକ୍‌ପାଳ ସରସ୍ୱତୀ ଫକୀରମୋହନଙ୍କ ଆତ୍ମ-ଜୀବନ ଚରିତର ଅନୁବାଦ, ବହୁ ଗବେଷଣାତ୍ମକ ନିବନ୍ଧ ସମାପ୍ତ କରିଛନ୍ତି । ଓଡ଼ିଆ ବୈଷ୍ଣବ ସାହିତ୍ୟ ଓ ଓଡ଼ିଆ ସାହିତ୍ୟର ଇତିହାସ ରଚନା, ଜଗନ୍ନାଥ ଚରିତାମୃତ, ପଣ୍ଡିତ ନୀଳକଣ୍ଠ ଓ ଗୋଦାବରୀଶଙ୍କ ଆତ୍ମ-ଜୀବନୀର ଅନୁବାଦ, ସର୍ବୋପରି ପ୍ରାଚୀନ ଓ ଆଧୁନିକ ଓଡ଼ିଆ ସାହିତ୍ୟର ଗବେଷଣା ପାଇଁ ଆପଣ ନିଜକୁ ନିୟୋଜିତ କରିଛନ୍ତି ।

ଆପଣଙ୍କ ସମଗ୍ର ଜୀବନର ନିୟମାନୁବର୍ତ୍ତିତା ଓ ବୈଜ୍ଞାନିକ ଆଲୋଚନା ଦ୍ୱାରା ଓଡ଼ିଆ ଗବେଷଣା କ୍ଷେତ୍ରର ଏକ ନୂତନ ଓ ମୌଳିକ ଦୃଷ୍ଟିଭଙ୍ଗୀ ଫିଟି ଯାଇପାରିଛି ।

ମାନନୀୟ ବୋଲ୍‌ଟନ୍!

ଆନ୍ତର୍ଜାତିକ ଭାଷା ଓ ସାହିତ୍ୟରେ ଓଡ଼ିଆ ସାହିତ୍ୟର ପରିଚିତି ଓ ପ୍ରସାର ପାଇଁ ଆପଣଙ୍କ ଅବିସ୍ମରଣୀୟ ଅବଦାନ ଯୋଗୁଁ ଆପଣଙ୍କୁ ବାଲେଶ୍ୱର ପୌରସଂସ୍ଥା ଆଜି ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛି ଓ ଆପଣଙ୍କର ଦୀର୍ଘ ଜୀବନ କାମନା କରୁଛି । ଆମେ ଆଶା କରୁଛୁ, ଓଡ଼ିଆ ଭାଷା ସାହିତ୍ୟର ଅଭିବୃଦ୍ଧି ପାଇଁ ଆପଣଙ୍କର ଐକାନ୍ତିକ ପ୍ରଚେଷ୍ଟା ସଫଳ ହେବ । ଆପଣ ବାଲେଶ୍ୱରବାସୀଙ୍କ ଶ୍ରଦ୍ଧା, ପ୍ରୀତି ଓ ଶୁଭକାମନା ଗ୍ରହଣ କରନ୍ତୁ ।

ବାଲେଶ୍ୱର, ଶ୍ରୀ ସୁକୁମାର ନାୟକ
୧୧.୦୪.୧୯୭୫ ନଗରପାଳ, ବାଲେଶ୍ୱର ପୌରସଭା

ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ, ଐତିହାସିକ, ସ୍ୱାଧିନତା ସଂଗ୍ରାମୀ ତଥା ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ଏବଂ କେନ୍ଦ୍ରମନ୍ତ୍ରୀ ଡକ୍ଟର ହରେକୃଷ୍ଣ ମହତାବ ଡ. ବୋଲ୍‌ଟନ୍‌ଙ୍କର ଓଡ଼ିଆ ଭାଷା ପ୍ରତି ଅବଦାନକୁ ଉପଲବ୍ଧି କରି ୧୯୭୫ ମସିହାରେ ଅନୁଷ୍ଠିତ ବାର୍ଷିକ 'ବିଷୁବ ମିଳନ' ଉତ୍ସବର ମୁଖ୍ୟ ଅତିଥିଭାବରେ ଯୋଗଦେବା ପାଇଁ ନିମନ୍ତ୍ରଣ କରିଥିଲେ । ଏହି ନିମନ୍ତ୍ରଣକୁ ସ୍ୱୀକାର କରି ଡ. ବୋଲ୍‌ଟନ୍ ବିଷୁବ ମିଳନ ଉତ୍ସବରେ ଯୋଗଦାନ ପୂର୍ବକ

ଯେଉଁ ଓଡ଼ିଆରେ ଲିଖିତ ଅଭିଭାଷଣ ପଠନ କରିଥିଲେ, ତାହା ଉପସ୍ଥିତ ସାହିତ୍ୟପ୍ରେମୀମାନଙ୍କୁ ସ୍ତବ୍ଧ କରିଦେଇଥିଲା । ପରବର୍ତ୍ତୀ ଅବସ୍ଥାରେ ଡ. ବୋଲ୍‌ଟନ୍‌ଙ୍କର ଏହି ଭାଷଣ ଝଙ୍କାରରେ ପ୍ରକାଶିତ ହୋଇଅଛି ।

ଏତଦ୍‌ବ୍ୟତୀତ ୧୯୭୫ ମସିହାରେ ଉତ୍କଳ ସାହିତ୍ୟସମାଜ, କଟକ ପକ୍ଷରୁ ମଧ୍ୟ ଡ. ବୋଲ୍‌ଟନ୍‌ଙ୍କୁ ତାଙ୍କର ଓଡ଼ିଆ ଭାଷା ଏବଂ ସାହିତ୍ୟକୁ ବିଦେଶରେ ପରିଚିତ କରାଇବା ପାଇଁ ଉଦ୍ୟମ ସକାଶେ ସମ୍ବର୍ଦ୍ଧିତ ଏବଂ ସମ୍ମାନିତ କରାଯାଇଥିଲା । ଏହି ଅବସରରେ ସେ ଅନ୍ୟ ଜଣେ ବିଦେଶୀ ତଥା ଓଡ଼ିଆପ୍ରେମୀ ଜନ୍ ବୀମ୍‌ସ୍‌ଙ୍କ ପ୍ରତିକୃତି ଶ୍ରୀ ରାମଚନ୍ଦ୍ର ଭବନ ପରିସରରେ ଉନ୍ମୋଚନ କରିଥିଲେ । ବୋଲ୍‌ଟନ୍‌ଙ୍କ ଏହାହିଁ ଥିଲା ଓଡ଼ିଶାକୁ ତାଙ୍କର ଶେଷ ଆଗମନ ଓ ଶେଷ ସମ୍ବର୍ଦ୍ଧନା । ତା'ପରେ ଓଡ଼ିଆ ଜାତି ତାଙ୍କର ଆଉ କୌଣସି ଖବର ରଖିନାହିଁ । ଓଡ଼ିଆ ପ୍ରାଣ ଡ. ବୋଲ୍‌ଟନ୍ ବିଦେଶରେ ଓଡ଼ିଆ ଭାଷା ଓ ସାହିତ୍ୟର ପ୍ରଚାର, ପ୍ରସାର ପାଇଁ ବିଶେଷ ଯତ୍ନଶୀଳ ହୋଇଥିଲେ ମଧ୍ୟ ଓଡ଼ିଆ ମାନଙ୍କଠାରୁ ଉପଯୁକ୍ତ ସାହାଯ୍ୟ ଏବଂ ସହଯୋଗରୁ ବଞ୍ଚିତ ହୋଇଥିଲେ । ସେଥିପାଇଁ ଏକଦା କ୍ଷୋଭର ସହ ଡ. ଗଣେଶ୍ୱର ମିଶ୍ର, ଅବସରପ୍ରାପ୍ତ ଇଂରାଜୀ ପ୍ରଫେସର, ଉତ୍କଳ ବିଶ୍ୱବିଦ୍ୟାଳୟ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ପୂର୍ବତନ ସଭାପତିଙ୍କୁ କହିଥିଲେ-

"No one in Orissa, not even the Oriyas bother about me. I donot get any support or encouragement from any where. Other South Asian Language Departments (Hindi, Bengali, Urdu etc.) get support from India, Bangladesh and Pakistan Governments or the local people there. As a result for the last few years I have no student who is interested to learn Oriya. I teach Bengali much against my wishes. I am really interested in "Oriya Language & literature".

ଓଡ଼ିଆ ଭାଷା, ସାହିତ୍ୟର ଉନ୍ନତି କଳ୍ପେ ଜଣେ ବିଦେଶୀଙ୍କର ଉଦ୍ୟମ ଓ ନିଷ୍ଠା ଦେଖିଲେ ଆଶ୍ଚର୍ଯ୍ୟାନ୍ୱିତ ହେବାକୁ ପଡ଼େ । ଅଥଚ ଆଜିର ହତଭାଗ୍ୟ ଓଡ଼ିଆମାନେ ନିଜ ମାତୃଭାଷାକୁ ହେୟଜ୍ଞାନ କରିବା ସହ ବିଦେଶୀ ଭାଷାରେ ଦି'ପଦ କଥାହେବା ଗୌରବର ବିଷୟ ବୋଲି ବିବେଚନା କରୁଛନ୍ତି । ମାତ୍ର ଡ. ବୋଲ୍‌ଟନ୍ ବିଦେଶରେ ଥାଇ ମଧ୍ୟ ଡ. ଗଣେଶ୍ୱର ମିଶ୍ରଙ୍କୁ ଓଡ଼ିଆ ସାହିତ୍ୟ ସମ୍ବନ୍ଧରେ ସାତଗୋଟି ଇଂରାଜୀ ପ୍ରବନ୍ଧ ରଚନା କରି ପ୍ରକାଶ କରି ଲୋକଲୋଚନକୁ ଆଣିବା ପାଇଁ ଅନୁରୋଧ କରିଥିଲେ । ଅତି ନିଷ୍ଠାର ସହ ଡ. ମିଶ୍ର ମଧ୍ୟ "John Boultion- Essays on Oriya Literature" ନାମକ ଏକ ପୁସ୍ତକ ସଂପାଦନା କରି ତହିଁରେ ଉକ୍ତ ପ୍ରବନ୍ଧଗୁଡ଼ିକ ସ୍ଥାପିତ କରିଛନ୍ତି । ଓଡ଼ିଆ ଭାଷା ଉପରେ ଗବେଷଣା ତଥା ଓଡ଼ିଆ ଭାଷାର ଉନ୍ନତିକଳ୍ପେ ତାଙ୍କର ନିରନ୍ତର ଉଦ୍ୟମ ପାଇଁ ଜନ୍ ବୋଲ୍‌ଟନ୍‌ଙ୍କୁ ଯେତେ ପ୍ରଶଂସା କଲେ ମଧ୍ୟ କମ୍ ହେବ । କେବଳ ଏତିକି ନୁହେଁ ଇଂରାଜୀ ଭାଷାଭାଷୀଙ୍କ ଓଡ଼ିଆ ଭାଷା ଶିକ୍ଷା କରିବା ଉଦ୍ଦେଶ୍ୟରେ ଏକ ପ୍ରାଥମିକ ପୁସ୍ତକ ପ୍ରଣୟନ କରିବା ପାଇଁ ସେ ଉଦ୍ୟମ କରିବା ସଙ୍ଗେ ସଙ୍ଗେ ଫକୀରମୋହନଙ୍କର ସମସ୍ତ ରଚନା ଗୁଡ଼ିକୁ ଇଂରାଜୀରେ ଅନୁବାଦ କରିବା ପାଇଁ ସେ ଯୋଜନା କରିଥିଲେ ମଧ୍ୟ ନିଜର ପାରିବାରିକ ଅସୁବିଧା ତଥା ବ୍ୟକ୍ତିଗତ ଭଗ୍ନ ସ୍ୱାସ୍ଥ୍ୟ ଯୋଗୁଁ ସେ ସବୁକୁ କାର୍ଯ୍ୟରେ ରୂପାନ୍ତରିତ କରିବାପାଇଁ ସକ୍ଷମ ହୋଇପାରିନଥିଲେ । ଯେଉଁଠି ଓଡ଼ିଆମାନେ ମାତୃଭାଷାର ଉନ୍ନତିକଳ୍ପେ ସଂପୂର୍ଣ୍ଣ ଉଦାସୀନ, ସେପରି ସ୍ଥଳେ ଜଣେ ଅଣଓଡ଼ିଆ ବିଦେଶୀଙ୍କର ଏଭଳି ପ୍ରୟାସ ବାସ୍ତବିକ୍ ଅଭିନନ୍ଦନୀୟ । ଲୋକରତ୍ନ କୁଞ୍ଜ ବିହାରୀ ଦାଶ ୧୯୬୮ ମସିହାରେ ଲଣ୍ଡନ ବିଶ୍ୱବିଦ୍ୟାଳୟ ପାଠାଗାର ବୁଲି ଦେଖିଥିବା ସମୟରେ ତାଙ୍କର ପ୍ରଥମେ ଜନ ବୋଲ୍‌ଟନ୍‌ଙ୍କ ସହ ସାକ୍ଷାତ୍ ହୋଇଥିଲା । ଓଡ଼ିଆ ଭାଷା ଓ ସାହିତ୍ୟ ପ୍ରତି ବୋଲ୍‌ଟନ୍‌ଙ୍କର ପ୍ରୀତି ଦେଖି କୁଞ୍ଜ ବିହାରୀ ଦାଶ ଗଭୀର ପ୍ରଭାବିତ ହୋଇଥିଲେ । ତାଙ୍କୁ ପ୍ରଶଂସା କରିବାକୁ ଯାଇ ସେ ଲେଖିଛନ୍ତି – "ସେ ବୋଧେ ପୂର୍ବ ଜନ୍ମରେ ଓଡ଼ିଆ ଥିଲେ । ଓଡ଼ିଆ ଭାଷାକୁ ସେ ଗଭୀର ସମ୍ମାନ ଦେଉଥିବା ଦେଖି ମୋ ଛାତି କୁଣ୍ଢେମୋଟ ହୋଇଗଲା । ମନେହେଲା ସେ ମୋର ଆତ୍ମୀୟ, ବିଦେଶୀ ମୁଖରେ ଓଡ଼ିଆ ଭାଷା ବଡ଼ ମଧୁର ଶୁଣାଗଲା । ଦେହ ମୋର ଶୀତେଇ ଉଠିଲା, ଏକ ସ୍ୱତଃ ମାଧୁର୍ଯ୍ୟର ଆସ୍ୱାଦ ପାଇ ।" ଅନ୍ୟ ଏକ ସ୍ଥାନରେ କୁଞ୍ଜବିହାରୀ ଦାଶ ଲେଖିଛନ୍ତି- "ସାହେବ ଦେହ, ଓଡ଼ିଆ ପ୍ରାଣ । ଓଡ଼ିଆ ସାହିତ୍ୟକୁ ବିଶ୍ୱ ଦରବାରରେ ପରିଚିତ କରାଇବା ପାଇଁ ସେ ଥିଲେ ଦୃଢ଼-ପ୍ରତିଜ୍ଞ । ପ୍ରଥମେ ତାଙ୍କର ଦୃଷ୍ଟିରେ ପଡ଼ିଛନ୍ତି ସେ ଦିନର ହତଭାଗ୍ୟ କିନ୍ତୁ ଆଜିର ପରମ ଭାଗ୍ୟବାନ ଫକୀରମୋହନ ।" ଏଠାରେ ଏ କଥା ଉଲ୍ଲେଖ କରିବା ଉଚିତ ହେବ ଯେ ଡ. କୁଞ୍ଜବିହାରୀ ଦାଶ ୧୯୪୮ ମସିହାରେ ବାଲେଶ୍ୱର ଫକୀରମୋହନ କଲେଜରେ ଅଧ୍ୟାପକ ଥିବା ଅବସ୍ଥାରେ ଓଡ଼ିଆ ଭାଷାର କଥା ସମ୍ରାଟ ଫକୀରମୋହନଙ୍କ

ସମ୍ମାନ ଉଦ୍ଦେଶ୍ୟରେ "ଫକୀରମୋହନ ସାହିତ୍ୟ ପରିଷଦ" ଗଠନ କରିଥିଲେ । ସଂଯୋଗବଶତଃ ଫକୀରମୋହନଙ୍କର ଦୁଇ ପ୍ରଶଂସକଙ୍କର ଲଣ୍ଡନରେ ଭେଟ ହେବା ଓଡ଼ିଆ ଜାତି ପାଇଁ ଏକ ଗୌରବପୂର୍ଣ୍ଣ ମୁହୂର୍ତ୍ତ । ବୋଲ୍‌ଟନ୍ ଯେ କେବଳ ଓଡ଼ିଆ ଭାଷାକୁ ଆୟତ୍ତ କରିଥିଲେ ତାହା ନୁହେଁ, ଓଡ଼ିଆ ଏବଂ ଇଂରାଜୀ ବ୍ୟତୀତ ସେ ବଙ୍ଗଳା, ସଂସ୍କୃତ, ଉର୍ଦ୍ଦୁ, ଆରବିକ୍, ଫରାସୀ, ଜର୍ମାନ, ଲାଟିନ୍, ଆଦି ଭାଷାରେ ମଧ୍ୟ ଦକ୍ଷତା ଅର୍ଜ୍ଜନ କରିଥିଲେ । ବାସ୍ତବିକ ବୋଲ୍‌ଟନ୍ ଥିଲେ ଜଣେ ବହୁଭାଷାବିଦ୍ ଏବଂ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ । କିନ୍ତୁ ଏସବୁ ଭିତରେ ଓଡ଼ିଆ ଭାଷା ତାଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥିଲା ।

ଡଃ ବୋଲ୍‌ଟନ୍ ଫକୀରମୋହନଙ୍କୁ ସାହିତ୍ୟ କୃତି ଉପରେ ଗବେଷଣା କରି ଫକୀରମୋହନଙ୍କୁ ଉଚ୍ଛ୍ୱସିତ ପ୍ରଶଂସା କରିଥିଲେ ମଧ୍ୟ ଯେଉଁଠି ଫକୀରମୋହନଙ୍କ ରଚନାରେ ତାଙ୍କ ମତରେ ତ୍ରୁଟି ଅନୁଭବ କରିଛନ୍ତି, ତାହା ଦର୍ଶାଇବାକୁ ପଶ୍ଚାତ୍‌ପଦ ହୋଇନାହାନ୍ତି । ବୋଲ୍‌ଟନ୍‌ଙ୍କ ମତରେ ଫକୀରମୋହନ ଯେଉଁ ସମୟରେ ଉପନ୍ୟାସ ବିଷୟରେ ସଚେତନ ନଥିଲେ, ସେହି ସମୟରେ "ଛ' ମାଣ ଆଠଗୁଣ୍ଠ" ପରି ଚମତ୍କାର ଉପନ୍ୟାସ ରଚନା କରିଛନ୍ତି । ମାତ୍ର 'ପ୍ରାୟଶ୍ଚିତ' ରଚନା ବେଳକୁ ଉପନ୍ୟାସ ସମ୍ବନ୍ଧରେ ଅପେକ୍ଷାକୃତ ସେଚତନ ହୋଇସାରିଥିଲେ ମଧ୍ୟ ତାଙ୍କ ପ୍ରୟାସରେ ସଂପୂର୍ଣ୍ଣ ସଫଳ ହୋଇପାରିନାହାନ୍ତି । ବୋଲ୍‌ଟନ୍ ଜଣେ ସାଧାରଣ ଶ୍ରମିକ ପରିବାରରୁ ଆସିଥିବା ଦରଦୀ ମଣିଷଟିଏ । ଗୋଟିଏ ସାଧାରଣ ମଣିଷର ଚିନ୍ତାଚେତନା ଜୀବନ-ଜଞ୍ଜାଳ ସମ୍ବନ୍ଧରେ ସେ ବେଶ ସଚେତନ । ସେଇଥିପାଇଁ ବୋଧହୁଏ ଫକୀରମୋହନଙ୍କ ପରି ଜଣେ ସାଧାରଣ ମଣିଷଟିଏର ରଚନାଗୁଡ଼ିକ ତାଙ୍କ ହୃଦୟକୁ ଏତେ ଜୀବନ୍ତ ଭାବରେ ସ୍ପର୍ଶ କରି ପାରିଛି । ଏହି ଓଡ଼ିଆ ପ୍ରାଣ ସାଧାରଣ ଦରଦୀ ମଣିଷଟିର ଅବସରକାଳୀନ ଜୀବନ ସେତେ ସୁଖପ୍ରଦ ହୋଇପାରିନାହିଁ । ଅବସରପରେ ସେ ବିଭିନ୍ନ ପାରିବାରିକ ଜଞ୍ଜାଳରେ ଛନ୍ଦି ହୋଇପଡ଼ିବା ସାଙ୍ଗକୁ ମାନସିକ ଭାରସାମ୍ୟ ହରାଇ ବସିଥିବାର ସୂଚନା ମିଳେ । ଦୁର୍ଭାଗ୍ୟ ଓଡ଼ିଆ ଜାତିର ବିଶ୍ୱଦରବାରରେ ଓଡ଼ିଆ ଭାଷା, ଓଡ଼ିଆଭାଷାର ତ୍ରାଣକର୍ତ୍ତା ଫକୀର ମୋହନଙ୍କୁ ପରିଚିତ କରାଇଥିବା ଓଡ଼ିଆପ୍ରାଣ ବିଦେଶୀ ଜଣଙ୍କୁ ଓଡ଼ିଆ ଜାତି ଠାବ କରିବାରେ ସକ୍ଷମ ହୋଇପାରିନାହିଁ । 'ରାଲଫ୍' ନାମରେ ତାଙ୍କର ପୁତ୍ର ସନ୍ତାନ କିମ୍ବା ଡ. ବୋଲ୍‌ଟନ୍‌ଙ୍କ ସମ୍ବନ୍ଧରେ କିଛି ଖୋଜଖବର ନାହିଁ । ତାଙ୍କ ପରିବାର ସମ୍ବନ୍ଧରେ କିଛି ତଥ୍ୟ ସଂଗ୍ରହ କରିବାରେ ଆମେ ଏଯାବତ୍ ସକ୍ଷମ ହୋଇପାରିନାହୁଁ । ଡ. ବୋଲ୍‌ଟନ୍‌ଙ୍କ ସମ୍ବନ୍ଧରେ ତଥ୍ୟ ସଂଗ୍ରହ ପାଇଁ ଉଦ୍ୟମ ହେଲେ ଏହା ବୋଲ୍‌ଟନ୍ ତଥା ଫକୀରେମାହନଙ୍କୁ ଉପଯୁକ୍ତ ଶ୍ରଦ୍ଧା ଓ ସମ୍ମାନ ହେବ ବୋଲି ଏହି ଲେଖକ ମନେକରେ । ଯେଉଁ ବୋଲ୍‌ଟନ୍ ବାଲେଶ୍ୱରରେ ଜନ୍ମିଥିବା ଜଣେ ସାହିତ୍ୟ ସାଧକଙ୍କୁ ବିଶ୍ୱ ଦରବାରରେ ପରିଚିତ କରାଇପାରିଲେ ସେହି ବାଲେଶ୍ୱରରେ ବୋଲ୍‌ଟନ୍ ନିଜେ ଅପରିଚିତ ତଥା ଅବେହଳିତ । ଏହି ପରିପ୍ରେକ୍ଷୀରେ ବାଲେଶ୍ୱର ମୁଖ୍ୟସ୍ଥଳୀରେ ଜନ୍ ବୋଲ୍‌ଟନ୍‌ଙ୍କର ପ୍ରତିମୂର୍ତ୍ତିଟିଏ ସ୍ଥାପନ କରାଗଲେ, ତାହା ତାଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ହୁଅନ୍ତା ।

ଆଜି ଯେତେବେଳ ଓଡ଼ିଆ ମାନେ ନିଜ ମାତୃଭାଷା ପ୍ରତି ଉଦାସୀନ ତଥା ବୀତସ୍ପୃହ, ଡ. ବୋଲ୍‌ଟନ୍‌ଙ୍କ ଓଡ଼ିଆ ଭାଷା ପ୍ରତି ଅନୁରାଗ ଆଲୋକବର୍ତ୍ତିକା ସଦୃଶ ଓଡ଼ିଆମାନଙ୍କୁ ପଥ ପ୍ରଦଶର୍ନ କରୁ । ଓଡ଼ିଆ ଭାଷା ଓ ସାହିତ୍ୟ ପାଇଁ ଡ. ବୋଲ୍‌ଟନ୍‌ଙ୍କ ଅବଦାନ ଓଡ଼ିଆ ସାହିତ୍ୟାକାଶରେ ଚିରଦିନ ପାଇ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହୁ ଏବଂ ପ୍ରତିଟି ଓଡ଼ିଆ ବୋଲ୍‌ଟନ୍‌ଙ୍କ ଓଡ଼ିଆ ସାହିତ୍ୟ ପ୍ରତି ଅବଦାନକୁ ଗବର୍ର ସହ ସ୍ମୃତିଚାରଣ କରୁ । ଏହି ଓଡ଼ିଆ ପ୍ରାଣ ଗବେଷକ ଓଡ଼ିଆ ଜନମାନସକୁ ଚିରଦିନ ପାଇଁ ଉଦ୍‌ବୁଦ୍ଧ କରୁଥାନ୍ତୁ ।

ସି- ୧୦୫,
ଶୁଭମ୍ ରୟାଲ୍ ଆପାଟର୍ମେଣ୍ଟ,
ଘାଟିକିଆ, ଭୁବନେଶ୍ୱର



With Best wishes from

**SHRI SUDHANSU PANDA**

Principal

**Siddhi Vinayak Public School, Balasore**

*Advisor, Heritage Club of Siddhi Vinayak Public School*

# ସଂସ୍କୃତି ପରମ୍ପରା ଭରା ମୋ ଓଡ଼ିଶା

ଅର୍ଚ୍ଚନା ନନ୍ଦୀ

ମାଣବସା ଗୁରୁବାର ଓଷା (ମାଣବସା ଓ ମାଣ ଓଷା ନାମରେ ମଧ୍ୟ ଜଣା) ଓଡ଼ିଶାରେ ପାଳିତ ଏକ କୃଷିଭିତ୍ତିକ ପର୍ବ। ଏହି ପର୍ବରେ ମହାଲକ୍ଷ୍ମୀଙ୍କୁ ଗୃହରେ ଧନଧାନ୍ୟ ବୃଦ୍ଧି ନିମନ୍ତେ ମଧ୍ୟ ପୂଜା କରାଯାଏ। ମାର୍ଗଶିର ମାସରେ ଓଡ଼ିଆ ନାରୀମାନେ ଏହି ଓଷା ପାଳନ କରିଥାନ୍ତି। ଏହି ପୂଜା ଅନ୍ୟ ଦେଶ ଓ ରାଜ୍ୟମାନଙ୍କରେ ପ୍ରଚଳନ ନାହିଁ। ମାଣବସା ଓଷାକୁ ଲକ୍ଷ୍ମୀପୂଜା ମଧ୍ୟ କୁହାଯାଏ। ଏହି ଓଷାକୁ ଓଡ଼ିଶାର ସମସ୍ତ ଜାତିର ଲୋକେ ପାଳନ କରିଥାନ୍ତି। ଏହି ସମୟରେ ଧନଧାନ୍ୟ, ବାତ୍ସଲ୍ୟ ଓ ଦୟାକ୍ଷମାର ପ୍ରତିମୂର୍ତ୍ତି ରୂପେ ଲକ୍ଷ୍ମୀଙ୍କୁ କଳ୍ପନା କରାଯାଇ ଘରର ଶ୍ରୀ, ସମୃଦ୍ଧି, ପରିଷ୍କାର-ପରିଚ୍ଛନ୍ନତା ଆଦି ପ୍ରତି ଦୃଷ୍ଟି ଦିଆଯାଇଥାଏ। ମାର୍ଗଶିର ମାସରେ ପୂଜା ଘରେ ଧାନ କେଣ୍ଡା ବା 'ଧାନବେଣୀ'ରେ ସଜାଯାଇଥାଏ। ଧାନକେଣ୍ଡାକୁ ଗୁନ୍ଥି ଏହି ମେଣ୍ଟା ବା ବେଣୀ ତିଆରି କରାଯାଏ।



ମାଣ ବସାଇବାରୁ 'ମାଣବସା' ନାମ ଆଧାରିତ। ଚାଉଳ ଆଦି ଶସ୍ୟ ମାପିବା ପାଇଁ ମାଣ ବ୍ୟବହାର ହୋଇଥାଏ। ଏହି ଓଷାରେ ଧାନମାଣ ବସାଇ ତାହାକୁ ପୂଜା କରାଯାଉଥିବାରୁ ଓଷାଟି ମାଣବସା ନାମରେ ଜଣା।

ଏହି ପର୍ବ ସମାନ ବିଧିରେ ଓଡ଼ିଶାର ବିଭିନ୍ନ ଆଦିବାସୀ ସମାଜରେ ମଧ୍ୟ ପାଳିତ ହୋଇଥାଏ। ସାନ୍ତାଳମାନେ 'ଇରୁ ମାମଣେ', ଭୂୟାଁମାନେ 'ମଗୁଶୀର ଗୁରୁବାର ହଳବା', ହୋ ଓ ଓମାନାତ୍ୟାମାନେ ଲକ୍ଷ୍ମୀ ପୂଜା କରିଥାନ୍ତି। ଏହି ସମୟରେ



ସନ୍ତାନସନ୍ତତି ନଥିବା ନାରୀମାନେ ସନ୍ତାନ ଆଶାରେ କାଞ୍ଜି ଅଁଳା ବା 'ଶୁଖୁଆ ବୋହୂ' ବା 'ଷଠି ଓଷା' କରିଥାନ୍ତି।

ମାଣବସା ଗୁରୁବାରର କିମ୍ବଦନ୍ତୀ ବଳରାମ ଦାସଙ୍କ ଲକ୍ଷ୍ମୀ ପୁରାଣରେ ବର୍ଣ୍ଣିତ। ଏହା ମତେ ଦାସଦାସୀ ପରିବେଷ୍ଟିତ ଲକ୍ଷ୍ମୀ ଦିନେ ସ୍ୱାମୀଙ୍କୁ ମାଣବସା ଗୁରୁବାର ବାବଦରେ ଜଣାଇ ଦେଶ ଭ୍ରମଣରେ ବଡ଼ ଦେଉଳରୁ ବିଜେ କଲେ। କିଏ ତାଙ୍କୁ ପୂଜୁଛି ତାହା ଜାଣିବା ନିମନ୍ତେ ସେ ଘର ଘର ବୁଲିଲେ। ଅନେକ ଧନୀ, ବଡ଼ ଲୋକ ସେଦିନ ଗୁରୁବାର ବୋଲି ଭୁଲି ଯାଇଥିବା ଦେଖିବା ପରେ ସେ ଶ୍ରୀୟା ନାମକ ଜଣେ ଦଳିତ ନାରୀ ଘରେ ପହଞ୍ଚିଥିଲେ। ଘରଦ୍ୱାର ପରିଷ୍କାର କରି ଲିପାପୋଛା କରି ଶ୍ରୀୟା ତାଙ୍କ ପୂଜା ପାଇଁ ସଜ, ଭୋଗ-ନୈବେଦ୍ୟ ଆଦି ସଜାଡ଼ି ରଖିବା ଦେଖି ଲକ୍ଷ୍ମୀ ତାହାଙ୍କ ଭକ୍ତିରେ ମୁଗ୍ଧ ହୋଇ ସେଠାରେ ହିଁ ରହିଗଲେ। ଏହା ଶୁଣି ବଳରାମ କୋପକଲେ। ସେତେବେଳର ସମାଜରେ ଦଳିତମାନଙ୍କୁ ଅଛୁଆଁ ଭାବେ ଗଣା ଯାଉଥିବାରୁ ଜଣେ ଦଳିତ ଲୋକର ଘରେ ପାଦ ଦେଇଥିବାକୁ ଅପରାଧ ବିବେଚନା କରି ବଡ଼ଦେଉଳ ଦ୍ୱାର ଲକ୍ଷ୍ମୀଙ୍କ ପାଇଁ ବନ୍ଦ ହୋଇଥିଲା। ଅପମାନିତ ହୋଇ ସେ ଘରୁ ବାହାରି ଗଲେ। ଯିବା ବେଳେ ପଣ କଲେ କାଳିଆ-ବଳିଆ (ଜଗନ୍ନାଥ-ବଳଭଦ୍ର) ଦୁଇ ଭାଇଙ୍କୁ ଉଚିତ ଶିକ୍ଷା ଦେବେ। ଲକ୍ଷ୍ମୀଙ୍କ ନିର୍ଦ୍ଦେଶରେ ସମୁଦ୍ର କୂଳରେ ତାଳବେତାଳ ନାମକ ଆଉ ଏକ ପ୍ରାସାଦ ଗଢ଼ାହେଲା। ଲକ୍ଷ୍ମୀ ବଡ଼ଦେଉଳରୁ ସବୁ ଜିନିଷ ଲୁଟିନେଇ ତାହାକୁ ଶ୍ରୀହୀନ କରିଦେଲେ। ଖାଇବାକୁ ନପାଇ ଦୁଇଭାଇ ଭୋକରେ ଆଉଟୁ ପାଉଟୁ ହୋଇ ଶେଷରେ ସେହି ପ୍ରାସାଦ ସମ୍ମୁଖରେ ପହଞ୍ଚିଲେ। ପ୍ରାସାଦ ମାଳିକାଣୀଙ୍କ ଆତିଥେୟତାରେ ବିମୁଗ୍ଧ ହୋଇ ସେମାନେ ପ୍ରାସାଦ ମାଳିକ/

ମାଲିକାଣୀଙ୍କୁ ଲୋଡ଼ିଲେ। ଆଉ ପରିଚୟ ପାଇବା ପରେ ନିଜକୁ ଲଜ୍ଜିତ ମନେ କଲେ ଦୁଇ ଭାଇ। ଛୁଆଁ ଅଛୁଆଁ ଭେଦଭାବ ରହିବ ନାହିଁ ବୋଲି ପ୍ରତିଶ୍ରୁତି ପାଇବା ପରେ ଲକ୍ଷ୍ମୀ ଶ୍ରୀମନ୍ଦିରକୁ ବାହୁଡ଼ିଥିଲେ।

ମାର୍ଗଶିର ମାସରେ ପ୍ରଥମ ଧାନ ଅମଳ ଆରମ୍ଭ ହୁଏ। ଚାଷୀ ତା'ର ଖଳାକୁ ଧାନହଳା ଆଣିଥାଏ। ଧାନ ଅମଳ କରି ଘରକୁ ଆଣିବା ଆଗରୁ ତା'ର ଘରଣୀ ଏଥିରୁ ଧଳାଧାନର ଶିଶା ବାଛି ବାହାର କରିଥାଏ। ଏହି ଧାନର ଶିଶାରେ ବେଣୀ ବାନ୍ଧି ମେଣ୍ଟି ବା ମେଣ୍ଢା ପ୍ରସ୍ତୁତ କରି ଏହାକୁ ଶୁଖାଇ ଅତି ଯତ୍ନ ଓ ଆଦରରେ ରଖିଥାଏ। ଗୁରୁବାର ଓଷାର ପୂର୍ବଦିନରୁ ଘର ଦ୍ୱାର ଅଗଣା ଓ ଘର ଚାରିପାଖ ଗୋବର ମାଟିରେ ଲିପା ପୋଛା କରି ପରିଷ୍କାର କରିଥାଏ। ଅମଳ ପରେ ଖଳାରେ ସେହି ସ୍ତୁପୀକୃତ ଧାନକୁ ଅନ୍ନ ଓ ଧନର ଦେବୀ ଲକ୍ଷ୍ମୀଙ୍କର ଆଶିଷ ବୋଲି ମାନି ଏହି ଓଷା ପାଳନ କରାଯାଇଥାଏ। ଗୁରୁବାରରେ କରାଯାଇଥିବା ଝୋଟି। ଏହି ଚିତାକୁ 'ତ୍ରିଶାଖା ଗୁଚ୍ଛ' କୁହାଯାଏ ।

"ଧାନ ମେଣ୍ଢା" ବା "ଧାନ ଗହଣି" ଲକ୍ଷ୍ମୀ ସାଆନ୍ତାଣିଙ୍କ ପୂଜାର୍ଚ୍ଚନା ଚାଉଳ ବଟାରେ ଝୋଟି ଚିତା କାଟିବା। ମାର୍ଗଶିର ମାସରେ ପ୍ରଥମ ଧାନ ଅମଳ ଆରମ୍ଭ ହୁଏ। ଚାଷୀ ତା'ର ଖଳାକୁ ଧାନହଳା ଆଣିଥାଏ। ଧାନ ଅମଳ କରି ଘରକୁ ଆଣିବା।

ମାଣବସା ଗୁରୁବାର ଓଷା ପୂର୍ବଦିନ ରାତିରେ ଗୃହିଣୀମାନେ ଘରଦ୍ୱାର ଲିପାପୋଛା କରି ଝୋଟିଚିତା ପକାଇଥାନ୍ତି। ଗୁରୁବାର ଦିନ ବଡ଼ିଭୋରରୁ ଉଠି ନାରୀମାନେ ସ୍ନାନାଦି କାର୍ଯ୍ୟ ସାରି ଲକ୍ଷ୍ମୀଙ୍କ ପୂଜା ଆରମ୍ଭ କରିଥାନ୍ତି ।ଗାଁମାନଙ୍କରେ ମହିଳାମାନେ ମାଟିଘରକୁ ଗୋବରରେ ଲିପାପୋଛା କରି ନୂତନ ଚାଉଳର





ପିଠଉରେ ଝୋଟି ଏବଂ ଲକ୍ଷ୍ମୀପାଦରେ ଆଙ୍କନ୍ତି। ଘରର ପ୍ରତ୍ୟକ ଦୁଆର ଅଗଣା କାନ୍ଥ ଓ ଚାରିପାଖ ଝୋଟି ଚିତାଦ୍ୱାରା ସଜାଯାଇଥାଏ। ମାଣ ଖଟୁଲି ଉପରେ ଏକ ନୂଆ ମାଣରେ ଧଳାଧାନ ଭରି ରଖାଯାଏ। ହଳଦୀ ଓ ଗୁଗୁଳ ବାଟି ମାଣର ଉପରପାର୍ଶ୍ୱରେ ଲେପ ଦିଆଯାଏ ଯାହା ଏକ ମୁହଁର ରୂପ ନେଇଥାଏ। ସେଥିରେ କଉଡ଼ିକୁ ଆଖିଭାବେ ବ୍ୟବହାରକରି ନିଜର ସୃଜନ ଶୈଳିଦ୍ୱାରା ମାଣକୁ ଏକ ସୁନ୍ଦର ମୁହଁର ରୂପ ଦେଇ ଖଟୁଲିରେ ରଖି ତା ଉପରେ ଧାନର ମେଣ୍ଢାକୁ ରଖାଯାଏ। ନାଲିଛିଟ ଓ ସୁନ୍ଦର ପାଟକନାରେ ଓଢ଼ଣୀ ଦେଇ ଏହାକୁ ଏକ ନବ ବଧୂର ରୂପ ସଦୃଶ କରାଯାଏ। କେହି କେହି ମାଣକୁ କାରିଗରଦ୍ୱାରା ଗଢ଼ାଇ ସୋଲ ଓ ଅନ୍ୟାନ୍ୟ ଦ୍ରବ୍ୟରେ ସେଥିରେ ଆଖି, ନାକ, କାନ ସୁନ୍ଦର ଭାବେ ଗଢ଼ାଇ ପୂଜା କରିଥାନ୍ତି। ମା'ଲକ୍ଷ୍ମୀଙ୍କର ଖଟୁଲି ବା ଆସ୍ଥାନ ଚାରିପଟେ ଷୋଳ ପାଖୁଡ଼ା ବିଶିଷ୍ଟ ଦିବ୍ୟ, ପଦ୍ମ ଅଙ୍କନ କରାଯାଇଥାଏ। ଘରର ଚତୁଃପାର୍ଶ୍ୱରୁ ମା'ଙ୍କର ପଦ୍ମପାଦର ଚିତା ଆସ୍ଥାନ ପର୍ଯ୍ୟନ୍ତ ଅଙ୍କାଯାଏ। କେହି କେହି ଗବପତ୍ର, ଗୟାତୁଳସୀ, କଳାପାତି, ସିନ୍ଦୂର ଫରୁଆ, ପିତ୍ତଳମୂର୍ତ୍ତି ଇତ୍ୟାଦି ମଧ୍ୟ ରଖିଥାନ୍ତି। ଧାନଖଳାକୁ ମଧ୍ୟ ସେଦିନ ଝୋଟିଚିତାରେ ଚିତ୍ରିତ କରାଯାଇଥାଏ। ଲକ୍ଷ୍ମୀଙ୍କର ସ୍ଥାପନା ପାଇଁ ଠାକୁରଘରର ଏକ ସ୍ୱତନ୍ତ୍ର ସ୍ଥାନ ନିରୂପଣ କରାଯାଏ। ପୂଜାସ୍ଥାନରେ ପିଠଉରେ କୋଠି କରି ଷୋହଳ ପାଖୁଡ଼ା ପଦ୍ମଫୁଲ ଅଙ୍କାଯାଏ। ପୂଜା ପାଇଁ ପୂର୍ବରୁ ପ୍ରସ୍ତୁତ କରି ରଖାଯାଇଥାଏ ଅମଳ ହୋଇଥିବା ଶୁକ୍ଳଧାନ, ମାଣ, ଗୁଆ, କଉଡ଼ି, ନଡ଼ିଆ, ଦୂବ, ବରକୋଳି ପତ୍ର, ସିନ୍ଦୂର, ଧୂପଦୀପ ଓ ନୈବେଦ୍ୟ। ମାଣ ବସାଇବା ପୂର୍ବରୁ ସେହିମାଣକୁ ହଳଦୀ ପାଣିରେ ଧୋଇ ଖରାରେ ଶୁଖିଯିବା ପରେ ସିନ୍ଦୂର ବୋଳାଯାଏ। ପ୍ରଥମେ ଏକ ଖଟୁଲିରେ କିଛି ନୂଆଧାନ

ରଖାଯାଏ। ସିନ୍ଦୂର ବୋଲାଯାଇଥିବା ମାଣ ବା ଗଉଣୀକୁ ଲକ୍ଷ୍ମୀ ଦେବୀଙ୍କର ପ୍ରତୀକ ସ୍ୱରୂପ ନୂଆ ଧଳାଧାନରେ ପୂର୍ଣ୍ଣକରି ତା' ଉପରେ ଗୁଆ ରଖାଯାଏ। ସେହି ମାଣକୁ ଖଟୁଲି ଉପରେ ବସାଇ ତା'ଉପରେ ଧାନବେଣୀ ରଖି ନୂତନ ପାଟଲୁଗାର ଓଢ଼ଣୀ ଢଙ୍କାଯାଏ। ଲକ୍ଷ୍ମୀଙ୍କୁ ଏକ ନବବଧୂ ବେଶରେ ସଜାଯାଇ ଚନ୍ଦନ ସିନ୍ଦୂର ଆଦି ଦେଇ ସ୍ଥାପନା କରାଯାଏ। ବିଧି ଅନୁଯାୟୀ ଖଟୁଲି ଉପରେ ଲକ୍ଷ୍ମୀଙ୍କର କାଠରେ ନିର୍ମିତ ପ୍ରତିମା, ପାନିଆଁ, ଆଇନା, କଜ୍ଜଳ ଏବଂ ଖଟୁଲି ପାଖରେ ଆଖୁ, ମୂଳା ନିକଟରେ ରଖାଯାଇଥାଏ।

ପୂଜା କାଳରେ ଧୂପ, ଦୀପ ଓ ନୈବେଦ୍ୟ ଆଦି ଅର୍ପଣ କରାଯାଏ ଲକ୍ଷ୍ମୀଙ୍କ ପାଖରେ। ପିଠାପଣା ଓ ଫଳମୂଳ ଭୋଗ (କଦଳୀ, ଛେନା, ନଡ଼ିଆ, ଗୁଡ଼, ଗୋଲମରିଚ ଓ ଅନ୍ୟାନ୍ୟ ଫଳ) ଲକ୍ଷ୍ମୀଙ୍କ ପାଖରେ ଲଗାଯାଏ। ଏଥି ସହିତ ମଣ୍ଡା ପିଠା ତିଆରି କରାଯାଇ ଭୋଗ ଦିଆଯାଇଥାଏ। ବିଭିନ୍ନ ପାଳିରେ ଭିନ୍ନ ଭିନ୍ନ ପିଠାପଣା ପ୍ରସ୍ତୁତ କରି ଲକ୍ଷ୍ମୀଙ୍କୁ ପାଖରେ ଲାଗି କରାଯାଇଥାଏ। ଲକ୍ଷ୍ମୀଙ୍କୁ ଧୂପ, ଦୀପ, ନୈବେଦ୍ୟ ସହ ବାଳଭୋଗରେ ଛେନା, ଗୁଡ଼, ନଡ଼ିଆ, କଦଳୀକୁ ଚକଟି ଭୋଗ ଲଗାଯାଏ। ତିନି ଧୂପ ମଧ୍ୟରୁ ଏହାକୁ ବାଳଧୂପ କୁହାଯାଏ। ଏହାପରେ ମଧ୍ୟାହ୍ନ ଧୂପପାଇଁ ପ୍ରସ୍ତୁତି ଆରମ୍ଭ ହୁଏ। ମଧ୍ୟାହ୍ନରେ ଶଙ୍କୁଡ଼ି ଧୂପରେ ଲାଗିହେବା ପାଇଁ ଖିରି ବା ତରଣ, ଚକୁଳିପିଠା, ତରକାରି ଇତ୍ୟାଦି ପ୍ରସ୍ତୁତ





କରାଯାଇ ଶ୍ରଦ୍ଧାର ସହ ଭୋଗ ଲଗାଯାଏ। ମଧ୍ୟାହ୍ନ ଭୋଗପରେ ମା'ଙ୍କ ସମ୍ମୁଖରେ ଲକ୍ଷ୍ମୀ ପୁରାଣ ବୋଲାଯାଏ। ଏହି ଭୋଗ ଘରର ପ୍ରତ୍ୟେକ ସଦସ୍ୟ ଖାଇଥାନ୍ତି। ଏହିଭୋଗକୁ ପରିବାର ଛଡ଼ା ଅନ୍ୟ କାହାକୁ ନଦେବାର ନିୟମ ଅଛି। ଗୋଧୂଳି ସମୟରେ ସନ୍ଧ୍ୟା ଧୂପରେ ଆଉ ଥରେ ବାଳଧୂପପରି ଭୋଗ ଲଗାଯାଇ ସଂଧ୍ୟା ପୂଜା କରାଯାଏ । ଦ୍ୱିତୀୟ ଗୁରୁବାରରେ ଚିତଉପିଠା, ଦହିକାଲୁଆ, ତୃତୀୟରେ ଖେଚୁଡ଼ି-ଡାଲମା ଏବଂ ଚତୁର୍ଥରେ ମଣ୍ଡାପିଠା ଭୋଗ ଲାଗି ହୋଇଥାଏ।

ମାର୍ଗଶିର ମାସର ଶେଷ ଗୁରୁବାର ଦିନ ବ୍ରତ ସାରି ଉଜୁଆ ଯାଏ। ଏହି ଦିନ ପୂର୍ବଭଳି ସମସ୍ତ ନୀତିରେ ମାଣ ବସାଇ ମଣ୍ଡାପିଠା ଓ ଖିରି ଭୋଗ କରାଯାଏ। ସଞ୍ଜ ଭୋଗ ପରେ ସେହି ମାଣରେ ଥିବା ଧାନକୁ ଆଉ ଏକ ଜାଗାରେ ଅଜାଡ଼ି ରଖାଯାଏ। ପୂଜାର ଅନ୍ୟ ସମସ୍ତ ସଜକୁ ସହକାରେ ନେଇ ପୋଖରୀ ଆଦି ଜଳାଶୟରେ ବିସର୍ଜନ କରାଯାଏ। ପୂଜାରେ ବ୍ୟବହୃତ ଧାନକୁ କୁଟି ସେହି ଚାଉଳରେ ଖିରି ବା ଜାଉ ରାନ୍ଧି କେବଳ ଘର ଲୋକଙ୍କ ମଧ୍ୟରେ ଖିଆଯାଏ। ଏହିପରି ଲକ୍ଷ୍ମୀଙ୍କୁ ଆବାହନ କରିବାଠାରୁ ବିସର୍ଜନ କରାଯିବା ପର୍ଯ୍ୟନ୍ତ ସମସ୍ତ ବିଧି ବିଧାନକୁ ପାଳନ କରି ଘରର ବିବିଧ ଉନ୍ନତି କାମନା କରାଯାଏ।

ସହ-ଉପ ଆବାହକ, ଇନ୍‌ଟାକ୍,
ବାଲେଶ୍ୱର

•••



INTACH
HERITAGE QUIZ 2025
CITY ROUNDS,

13th






## LIST OF MEMBERS OF INTACH, BALASORE CHAPTER AS ON 1ST AUGUST 2021

| SL. NO | NAME OF THE MEMBER | MEMBERSHIP NO. | ADDRESS | CONTACT NO. | DATE OF ENROLMENT |
|---|---|---|---|---|---|
| 01 | Nikunja Bihari Das | L/14048 | Principal, Balasore College Of Art & Crafts, Ot Road, Balasore | 9437267929 | 29.06.2010 |
| 02 | Laxmi Kanta Tripathy | L/14049 | Nageswarpalli, Angargadia, Balasore | 9437294869 | 29.06.2010 |
| 03 | Sitikantha Dixit | L/14050 | Indira Gandhi Marg, Balasore | 9439833189 | 29.06.2010 |
| 04 | Sangram Kumar Das | L/14214 | Alupur, O.T.Road, Balasore | 9437000660 | 30.07.2010 |
| 05 | Ms. Aliva Das | L/14230 | Alupur, O.T.Road, Balasore | 9437266772 | 02.08.2010 |
| 06 | Ms. Mamata Das | L/14231 | Alupur, O.T.Road, Balasore | 9437298507 | 02.08.2010 |
| 07 | Haren Chandra Rana | L/14233 | Damodarpur, Balasore | 9337081235 | 02.08.2010 |
| 08 | Biswajit Pramanik | L/14234 | Mathasahi, Motiganj, Balasore | 9861036571 | 02.08.2010 |
| 09 | Jugal Kishore Rathi | Al/14235 | Modern Polypack Industries, B-6 Ind.Estate,Balasore | 9437002697 | 02.08.2010 |
| 10 | Sarosh Bodhanwala | L/14236 | Barjorji's Residence, Bhaskarganj, Balasore | 9437062224 | 02.08.2010 |
| 11 | Sovan Dasmohapatra | L/14237 | Sailesh Nibas, Bhaskarganj, Station Road,Balasore | 9437000919 | 02.08.2010 |
| 12 | Ms. Chinmayee Dasmohapatra | L/14238 | Sailesh Nibas, Bhaskarganj, Station Road, Balasore | 9776096969 | 02.08.2010 |
| 13 | Banchhanidhi Das | L/14484 | Angargadia, Balasore | 9338581500 | 29.11.2010 |
| 14 | Uday Ranjan Das | L/14499 | Nitai Kutir, Suelpur, Balasore | 9437694618 | 03.12.2010 |
| 15 | Satya Narayan Nanda | L/14500 | Nanda Nivas, Sahadevkhunta, Balasore | 9437192078 | 06.12.2010 |
| 16 | Gouri Shankar Nayak | L/14694 | Sribantapur, Chhanapur, Balasore | 9437161888 | 22.03.2011 |
| 17 | Sanjay Kumar Das | L/15164 | Orissa Rubber Products, O.T.Road, Balasore | 9437069839 | 20.08.2011 |
| 18 | Kishore Chakraborty | L/15165 | Eb-561,Badagada Brit Colony, Bhubaneswar-751018 | 9437372010 | 17.10.2011 |
| 19 | Ms. Archana Nandy | L/15186 | Damodarpur, Balasore | 9437265216 | 03.11.2011 |
| 20 | Bhabagrahi Mohanty | L/15187 | Deba Bhawan, Arad Bazar, Balasore | 9861150956 | 03.11.2011 |
| 21 | Dr. Pradip Kumar Bhowmick | L/15827 | Catholic Church Lane, Balasore | 9497435705 | 08.10.2012 |
| 22 | Jasoda Nandn Ash | L/15833 | Bateswar, P.O. Sunhat, Balasore | 9937257937 | 15.10.2012 |
| 23 | Ch. Swapan Kumar Mohapatra | L/16830 | Bandhan, Gopalgaon, Balasore | 9437072025 | 24.12.2014 |
| 24 | Maheswar Nayak | L/17529 | Chhanapur, Kuruda, Balasore | 9437174038 | 26.11.2015 |
| 25 | Ms. Sanghamitra Mohanty | L/17746 | Meghadambaru, Kuruda, Balasore | 9438073916 | 13.05.2016 |
| 26 | Akhila Kumar Das | L/17809 | Mig-23, Vyasakabi Nagar, Sahadevkhunta, Balasore | 9337871724 | 20.06.2016 |
| 27 | Debasis Chakrabarty | L/18151 | C/O Ratan Chakrabarty, Angargadia, Near Block Colony, Balasore | 9437065522 | 30.03.2017 |
| 28 | Susanta Kumar Jena | L/18152 | C/O Mr Rabindra Kumar Jena, Shree Nagar, Sovarampur, Balasore | 7681081338 | 30.03.2017 |
| 29 | Ms. Girija Mishra | L/17982 | Ecp Industries Ltd., 27-Imdustrial Estate, Balasore | 9338311179 | 23.11.2016 |
| 30 | Ms. Gitanjali Panigrahi | L/18084 | Sovarampur, Balasore | 9437264663 | 21.02.2017 |
| 31 | Dr. Prahallad Mohanty | L/18718 | Gopalgaon, Balasore-756001 | 9437163544 | 01.07.2018 |
| 32 | Ms. Nirmala Mohanty | L/18719 | Gopalgaon, Balasore-756001 | 9437163544 | 01.07.2018 |
| 33 | Saurav Kumar Behera | L/19759 | Lal Bahadur Shastry Marg, Gopalgaon, Balasore | 9437066511 | 20.08.2019 |
| 34 | Matrudutta Das | L/19765 | Bharadwaj Tower, I.G.Marg, Bhoisahi, Balasore | 9437123909 | 20.08.2019 |
| 35 | Dr. Harish Chandra Behera | L/20366 | Kalyan Nagar, Angargadia, Balasore-756001 | 9437813708 | 21.12.2020 |
| 36 | Dr. Debasish Mishra | L/21401 | Balia Balasore-756001 | 9040408193 | 30.08.2022 |
| 37 | Mr. Shri Bhagwan Gupta | L/21895 | Near ICICI Bank, Remuna Branch, Januganj Balasore-756019 | 9437015391 | 15.05.2023 |
| 38 | Dr. Pankaja Kumar Jena | L/21896 | At. Gujadiha, P.O. Singakhunta,P.S. Soro, Dist. Balasore-756045 | 9437264995 | 15.05.2023 |
| 39 | Salim Soobshah | L/22237 | Flat No-204, Sri Mukteswar Enclave, R.R. Das Street, Sunhat, Balasore-2 | 9583010203 | 25.09.2023 |



A hotel that believes in optimum satisfaction
Barjorjis
BANJARA
A Traveller's Oasis...
BARJORJIS
BHOJAN
Multicuisine A/C Restaurant
BARJORJIS HOTELS PVT. LTD.
O.T. Road, Balasore-756001, Odisha (06782) 240699 / 385 / 524
9937262234 banjara@barjorjishotels.com
www.barjorjishotels.org.in


ISO9001:2015
CERTIFIED
No.1
www.hariplaast.com
HP
Hari Plaast
STRONG & SAFE
Hari Plaast
STRONG & SAFE
PVC, CPVC, HDPE PIPES & FITTINGS
O.T. Road, Balasore-756001, Odisha | Mob: 7894435283
Experience & Expertise over 50 years